

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୫ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 May 2026
Vol.No. 36 ■ No.117 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଶ୍ୱବଫଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଭୁଶୁଡ଼ିଲା ଟିଏମସି ଗଡ଼: ବଙ୍ଗରେ ଫୁଟିଲା ପଦ୍ମ

## ବଙ୍ଗ ବିଜୟ ପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ, ଆଜି ଐତିହାସିକ ଦିନ, ଲୋକତନ୍ତ୍ରର ହେଲା ବିଜୟ



ନୂଆଦିଲ୍ଲୀ,୦୪/୫ : ସତ ହେଲା ଶାହାଙ୍କ ଭବିଷ୍ୟବାଣୀ, ବଙ୍ଗର ମଙ୍ଗ ଧରିଲା ବିଜେପି। କ୍ଷମତାରୁ ବିଦାୟ ନେଲେ ଦିଦି, ଭୁଶୁଡ଼ି ପଡ଼ିଲା ଦେଢ଼ ଦଶନ୍ଧିର ଟିଏମସି ଗଡ଼। ଓଡ଼ିଶା ଓ ବିହାର ପରେ ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ଫୁଟିଲା ପଦ୍ମ। ବଙ୍ଗ ବିଧାନସଭା ନିର୍ବାଚନରେ ଇତିହାସ ରଚି ଶାସନ କ୍ଷମତାରେ ବସିବାକୁ ଯାଉଛି ଭାରତୀୟ ଜନତା ପାର୍ଟି-ବିଜେପି। ଏଥର ୫ ରାଜ୍ୟ ବିଧାନସଭା ନିର୍ବାଚନରେ ବିଜେପି ପାଇଁ ସବୁଠୁ ବଡ଼ ଉପଲବ୍ଧି ହେବାକୁ ଯାଉଛି ପଶ୍ଚିମବଙ୍ଗ ବିଜୟ। କାଣ୍ଟେକା ଟକ୍କର ହୋଇଥିବା ଏ ନିର୍ବାଚନରେ ଲଗାତର ୩ ଥର ଏବଂ ୧୫ ବର୍ଷ ଧରି କ୍ଷମତାରେ ଥିବା ତୃଣମୂଳ କଂଗ୍ରେସକୁ ଧୂଳି ଚଟାଇ ସିଂହାସନ ଦଖଲ କରିବାକୁ ଯାଉଛି ବିଜେପି। ଦେଶର ୨୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଶାସନ କରୁଥିବା ବିଜେପି ଏବେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ମାଟିରେ ପ୍ରଥମ ଥର କ୍ଷମତାଶୀନ ହେବାକୁ ଯାଉଛି। ଆଉ ବଙ୍ଗବାସୀଙ୍କୁ ଭେଟିଦେବାକୁ ଯାଉଛି ଡବଲ ଇଂଜିନ ସରକାର। ସୋମବାର ସକାଳୁ ଭୋଟ୍ ଗଣତି ଆରମ୍ଭ ହେବାର କିଛି ଘଣ୍ଟା ଭିତରେ ହିଁ ବିଜେପିର ବିଜୟ ସମ୍ଭାବନା ଫର୍ଚ୍ଚା ହୋଇ ଆସିବା ବେଳକୁ ଶିଥିଳ ପଡ଼ିଥିଲା ତୃଣମୂଳ ଶିବିର। ସମୟ ଯେତିକି ବଢୁଥିଲା, ସେତିକି ମିଳେଇ ଯାଉଥିଲା ତୃଣମୂଳ କଂଗ୍ରେସର ଚତୁର୍ଥ ଥର ଶାସନ ଗାଦିକୁ ଆସିବାର ସ୍ୱପ୍ନ। ଆଉ ମଧ୍ୟାହ୍ନ ବେଳକୁ ସାରା ରାଜ୍ୟରେ ଆରମ୍ଭ ହୋଇ ସାରିଥିଲା ଗେରୁଆ ଦଳର ଗ୍ରାଣ୍ଡ୍ ସେଲିବ୍ରେସନ୍। ଯୁବାଙ୍କଠୁ ମହିଳା ନେତା ଓ କର୍ମୀଙ୍କ କୋଳାହଳରେ କମ୍ପୁଥିଲା କୋଲକାତା। କାହା ହାତରେ ମିଠା ତ ଆଉ କିଏ ଝାଲମୁଢି ଧରି ଉତ୍ସବ ମନାଇଥିଲେ ବିଜେପି ନେତା ଓ କର୍ମୀ। ସତେ ଯେମିତି କୋଲକାତା ପାଳନ କରୁଥିଲା ଅଦିନିଆ ଦଶହରା ଆଉ ବିଜେପି ପାର୍ଟି ଅଫିସରେ ଥିଲା ଅବେଳରେ ହୋଲିର ଉତ୍ସବ। ସେପଟେ ନିଶ୍ଚିତ ପରାଜୟର ସଙ୍କେତ ମିଳି ସାରିବା ପରେ ମଳିନ ପଡ଼ିଥିଲା ଟିଏମସି ନେତାଙ୍କ ମନ। କୋଲାକାତା ସ୍ଥିତ ପାର୍ଟି ମୁଖ୍ୟାଳୟରେ ଖାଁ ଖାଁ ପରିବେଶ ହିଁ ବୟାନ କରୁଥିଲା କେତେ ତିକ୍ତକର କ୍ଷମତାରୁ ଚାଲିଯିବାର ମୂହୂର୍ତ୍ତ। ତେବେ ଲଗାତର ୭ ଥର ଆଉ ଦୀର୍ଘ ୩୪ ବର୍ଷ ଧରି କ୍ଷମତାରେ ଥିବା ବାମ ଦଳ ହାତରୁ ୨୦୧୧ରେ ପଶ୍ଚିମବଙ୍ଗର ଶାସନ କ୍ଷମତାକୁ ଛଡ଼ାଇ ଆଣି ସାରା ଦେଶବାସୀଙ୍କୁ ଚକିତ କରିଥିଲେ ମମତା। ଆଉ ତା ପରେ ରାଜ୍ୟରେ ଲଗାତର ୩ ଥର ଶାସନ ଗାଦିରେ ରହି ହ୍ୟାଟ୍ରିକ୍ ବି ମାରିଥିଲେ। ବିଗତ ୩ଟି ନିର୍ବାଚନରେ ବଙ୍ଗବାସୀଙ୍କ ମନ ଜିଣୁଥିବା ମମତା କିନ୍ତୁ ୨୦୨୬ରେ କାହିଁକି ମାରିଲେ ଚିତପଟାଙ୍ଗ୍ ? କେଉଁ କାରଣ ପାଇଁ ପରାଜୟ ବରଣ କଲା ତୃଣମୂଳ କଂଗ୍ରେସ ? କୁହାଯାଉଛି ଲମ୍ବା ସମୟ ଧରି ସରକାର ବିରୋଧୀ ହାଓ୍ୱା, ନିଯୁକ୍ତି କ୍ଷେତ୍ରରେ ବଡ଼ ଦୁର୍ନୀତି ଓ ରାଜ୍ୟରେ ମହିଳା ବିରୋଧୀ ହିଂସା ଭଳି ପ୍ରସଙ୍ଗ ମମତାଙ୍କ ପାଇଁ ନିର୍ବାଚନର ମହାଙ୍ଗା ପଡ଼ିଛି। ସେପଟେ ରାଜ୍ୟରେ SIRରେ ୯୧ ଲକ୍ଷ ଭୋଟର ଲିଷ୍ଟ କଟିବା ଓ ଏକଦା ◆◆ପୃଷ୍ଠା ୭

- ➩ଦୁଇଟି ଆସନରେ ଜିତିଲେ ଶୁଭେନ୍ଦୁ, ହାରିଗଲେ ମମତା ବାନାର୍ଜୀ
- ➩ଆସାମରେ ବିଜେପିର ଐତିହାସିକ ହ୍ୟାଟ୍ରିକ ବିଜୟ
- ➩କେରଳମରେ କଂଗ୍ରେସ ସରକାର
- ➩ପୁଡୁଚେରୀରେ ସରକାର ଗଢିବ ଏନଡିଏ
- ➩ତାମିଲନାଡୁରେ ବିଜୟଙ୍କ ଚମତ୍କାର ବିଜୟ

## ସୁଭଦ୍ରା ହିତାଧିକାରୀଙ୍କୁ ମିଳିଲା ଟଙ୍କା



ଭୁବନେଶ୍ୱର, ୦୪/୫ (ନି.ପ୍ର):ବିଜେପି ସରକାରଙ୍କ ବହୁ ଆକାଂକ୍ଷିତ 'ସୁଭଦ୍ରା' ଯୋଜନାରୁ ବାଦ୍ ପଡ଼ିଥିବା ୭୯ ହଜାର ହିତାଧିକାରୀଙ୍କୁ ଆଜି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ୬୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି, ଯାହା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ନିଷ୍କ୍ରିୟ ଏନ୍‌ପିସିଆଇ ଲିଙ୍କେଜ୍, ଇ କେଓ୍ୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି । ବିଭିନ୍ନ ପ୍ରଶାସନିକ ସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଞ୍ଚ ଏବଂ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ । ବ୍ୟବସ୍ଥିତ ଯାଞ୍ଚ ଏବଂ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି । ସେ ପୁନର୍ବାର କହିଛନ୍ତି ଯେ 'ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ ମୃଣାଳିନୀ ଦର୍ଶ୍ୱାଲ, କାର୍ଯ୍ୟକାରୀ ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମହାନ୍ତି, ଏବଂ ଅତିରିକ୍ତ ଶାସନ ସଚିବ, କୃତ୍ତିବାସ ରାଉତଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ୩୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

## ଭୟଙ୍କର ସଡ଼କ ଦୁର୍ଘଟଣା: ୫ ମୃତ

ଯାଜପୁର, ୦୪/୫ (ନି.ପ୍ର): ଭୟଙ୍କର ସଡ଼କ ଦୁର୍ଘଟଣା। ଚାଲିଗଲା ୫ ଜୀବନ । ଦୁର୍ଘଟଣାରେ ଏକାଧିକ ଆହତ ହୋଇଥିବା ସୂଚନା । ଯାଜପୁର ଜିଲ୍ଲା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ବରଡ଼ା ଛକରେ ନିକଟରେ ଘଟିଛି ଏହି ଭୟଙ୍କର ଦୁର୍ଘଟଣା । ସୂଚନା ଅନୁସାରେ, ଯାଜପୁର ଜିଲ୍ଲା ବଡ଼ଚଣା ଅଞ୍ଚଳରୁ ଏକ ବିବାହ ଉତ୍ସବରେ ଯୋଗ ଦେଇ ସମସ୍ତେ ବୋଲେରୋ ଯୋଗେ ଘରକୁ ଫେରୁଥିଲେ। ହେଲେ ଘର ପହଞ୍ଚିବା ପୂର୍ବରୁ ବାଟରେ ଯମ ଜଗି ବସିଥିଲା। ତେବେ ଜେନାପୁର ଥାନା ବରଡ଼ା ବେହେରା ଟାଙ୍ଗୀ ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ହାଇଓ୍ୱାକୁ ବୋଲେରୋଟି ଦ୍ରୁତ ଗତିରେ ଆସି ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାରେ ସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଯାଜପୁର SDPO, ବଡ଼ଚଣା ପୋଲିସ, ଜେନାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୨ହଜାର ଲାଞ୍ଚ ନେଇ ରାଜକନିକା ଥାନା ଏଏସ୍ଆଇ ଗିରଫ




ଭୁବନେଶ୍ୱର, ୦୪/୫ (ନି.ପ୍ର): ଜମି ବିବାଦରେ ସୁହାଇବା ଭଳି ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିବା ନିମନ୍ତେ ୨ହଜାର ଟଙ୍କା ଲାଞ୍ଚ ନେଇ ରାଜକନିକା ଥାନାର ଏଏସ୍ଆଇ ପ୍ରଶାନ୍ତ ପ୍ରଧାନ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଟିମ୍ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏକ ଜମିର ମାଲିକାନାକୁ ନେଇ ଅଭିଯୋଗକର୍ତ୍ତା ଓ ଅନ୍ୟଜଣଙ୍କ ମଧ୍ୟରେ ବିବାଦ ଲାଗିଥିଲା। ତେବେ ଅଭିଯୋଗକର୍ତ୍ତାଙ୍କ ବିନାନୁମତିରେ ଅପରପକ୍ଷ ଉକ୍ତ ଜମିରେ ନିର୍ମାଣ କରିଥିଲେ। ଏହା ବିରୋଧରେ ଅଭିଯୋଗକର୍ତ୍ତା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ନିର୍ମାଣକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହ ସ୍ଥାନୀୟ ଥାନାର ଆଇଆଇସିଙ୍କୁ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କହିଥିଲେ। ଏହାର ତଦନ୍ତ ଦାୟିତ୍ୱ ଏଏସ୍ଆଇ ପ୍ରଶାନ୍ତ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଅଭିଯୋଗକର୍ତ୍ତା ଯାଞ୍ଚରେ ସହଯୋଗ କରିବା ନିମନ୍ତେ ଏଏସ୍ଆଇ ପ୍ରଧାନଙ୍କୁ ସାକ୍ଷାତ କରିଥିଲେ। ଏଏସ୍ଆଇ ତାଙ୍କ ସପକ୍ଷରେ ରିପୋର୍ଟ ଦେବା ନିମନ୍ତେ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକର୍ତ୍ତା ଭିଜିଲାନ୍ସ ବିଭାଗ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ଆଜି ଅଭିଯୋଗକର୍ତ୍ତାଙ୍କ ଠାରୁ ଟଙ୍କା ନେବା ବେଳେ ରାଜକନିକା ଥାନା କୋଠା ନିକଟରେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ। ଏହାପରେ ଭିଜିଲାନ୍ସ ବିଭାଗ ଆୟବହିର୍ଭୁତ ସମ୍ପତ୍ତି ଠୁଳ ନେଇ ବାସଭବନ ସହ ଦୁଇଟି ସ୍ଥାନରେ ଚଢ଼ାଉ କରିଛି। ସମ୍ପୃକ୍ତ ଏଏସ୍ଆଇଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନର ଧାରା ୭ରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

## ୧ କୋଟି ଟଙ୍କାର ଠକେଇ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର କର୍ମଚାରୀ ଗିରଫ

ଭୁବନେଶ୍ୱର, ୦୪/୫ (ନି.ପ୍ର): ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହେରଫେର ଅଭିଯୋଗରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମାଲକାନଗିରି ଶାଖା ପରିଚାଳକ ସୁଧାଂଶୁ ଖେଶରାଙ୍କୁ ଗିରଫକରିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମାଲକାନଗିରି ଜିଲ୍ଲାର ୫ଟି ଲ୍ୟାମ୍ପ୍ ପ୍ରାଥମିକ ସମବାୟ ସୋସାଇଟିର ଚାଷୀମାନେ ନେଇଥିବା ୧ କୋଟି ୮ଲକ୍ଷ ୭୫ହଜାର ଟଙ୍କା କୃଷିରଣ ଟଙ୍କା ଫେରାଇଥିଲେ। ଏହି ଟଙ୍କା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଶାଖାରେ ଜମା କରିବା ପାଇଁ ଆସିଥିଲା। ଏହି ଟଙ୍କାକୁ ସେ ହଡ଼ପ କରିଥିଲେ। ଏନେଇ ଭିଜିଲାନ୍ସ ବିଭାଗ କୋରାପୁଟ ଭିଜିଲାନ୍ସ ପୁଲିସ ଥାନା ନଂ ୪ ଓ୫ରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧) ବିଏନ୍ଏସ୍‌ର ଧାରା ୩୧୬(୫), ୩୪୪ରେ ଏକ ମାମଲା ରୁଜୁ କରିଛି। ସୋମବାର ଅଭିଯୁକ୍ତ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆଜି କୋଟିଆ ଯିବେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୪/୫ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) କୋଟିଆ ଯିବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଜନ ଗଣନାକୁ ତ୍ୱରାନ୍ୱିତ ଓ ସମୀକ୍ଷା ପାଇଁ ରାଜସ୍ୱ ମନ୍ତ୍ରୀ କୋଟିଆ ଯିବେ। ଜନ ଗଣନା କୁ ନେଇ କୋଟିଆରେ ସମସ୍ୟା ଦେଖାଦେଇଛି । ଆନ୍ଧ୍ରର ଅଧିକାରୀ କୋଟିଆବାସୀଙ୍କୁ ଜନ ଗଣନାରେ ସାମିଲ ହେବା ପାଇଁ ଚେଷ୍ଟା କରିଥିଲେ। ପ୍ରଶାସନ ଓ ଲୋକେ ସେମାନଙ୍କୁ ତଡିପାର କରିଛନ୍ତି । ଅନ୍ୟପକ୍ଷରେ କୋଟିଆ ରେ ଜଗନ୍ନାଥ ମନ୍ଦିର ନିର୍ମାଣ ଚାଲିଛି । କାମ ଶେଷ ପର୍ଯ୍ୟାୟରେ ପହଂଚିଛି।

## ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀ ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ପରେ ସଦର ବିଜେପିର ବିଜୟ ଉତ୍ସବ ପାଳନ



ବାଲେଶ୍ୱର, ୦୪/୫ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ସୁନାମୀରେ ଐତିହାସିକ ବିଜୟ ହାସଲ ପରେ ସମଗ୍ର ଦେଶରେ ଦଳୀୟ କର୍ମୀ ଉତ୍ସବ ପାଳନ ଆରମ୍ଭ କରିଛନ୍ତି । ଏହି କ୍ରମରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବିଜେପି କର୍ମୀମାନେ ବିଜୟ ଉତ୍ସବ ପାଳନ କରିଛନ୍ତି । ସ୍ଥାନୀୟ ଜେଲ ରୋଡ ସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ବିଜେପି କର୍ମୀ ଓ ସମର୍ଥକ ଏକଜୁଟ ହୋଇ ଦଳର ବିଜୟରେ ଶତମୁଖ ହେବା ସହିତ ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ପାଳିଛନ୍ତି । ଏଥିରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀର ନିର୍ବାଚନରେ ବିଜୟ ଭାରତୀୟ ଜନତା ପାର୍ଟିର ଦେବଦୁର୍ଲଭ କର୍ମୀଙ୍କ ପରାକାଷ୍ଠାର ବିଜୟ ବୋଲି ମତ ଦେଇଛନ୍ତି । ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସଫଳ ନିର୍ବାଚନ ପରିଚାଳନା ଯୋଗୁଁ ଦୀର୍ଘ ୧୫ବର୍ଷ ଧରି ପଶ୍ଚିମବଙ୍ଗରେ ଚାଲିଥିବା ତୃଣମୂଳ କଂଗ୍ରେସର କଳା ଶାସନ ଶେଷ ହୋଇପାରିଛି । ମହିଳା ବିରୋଧି ମମତା ସରକାରଙ୍କ ବାଂଲାଦେଶୀ ଅନୁପ୍ରବେଶ ନୀତିରେ ଏକପ୍ରକାର ରୋକ ଲାଗିବା ସହ ଦେଶର ସୀମା ଆବଦ୍ଧ ହେବାରେ ପ୍ରତବନ୍ଧକ ଦୂର ହୋଇଛି ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । କେନ୍ଦ୍ରୀୟ ନେତୃବର୍ଗଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମବଙ୍ଗର ବିଭିନ୍ନ ନିର୍ବାଚନମଣ୍ଡଳୀରେ ପ୍ରଚାରର ଦାୟିତ୍ୱ ନେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ସଫଳତାର ଶୀର୍ଷକୁ ଛୁଇଁ ପାରିଛି । ଦଳର ଅଗଣିତ ଦେବତୁଲ୍ୟ କାର୍ଯ୍ୟକର୍ତ୍ତାଙ୍କ ନିଃସ୍ୱାର୍ଥ ସେବା ତଥା ଅଗଣିତ ସମର୍ଥକଙ୍କ ଭଲପାଇବା ଯୋଗୁଁ ଏହି ଐତିହାସିକ ବିଜୟ ସମ୍ଭବ ହୋଇପାରିଛି ବୋଲି ବିଧାୟକ ଶ୍ରୀ ଦତ୍ତ ମତପ୍ରକାଶ କରିଛନ୍ତି । ଏଥିପାଇଁ ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ସେ କୃତଜ୍ଞତା ସହ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଉପେନ୍ଦ୍ର ଶତପଥୀ, ଅନନ୍ତ ନାୟକ, ନିତ୍ୟଗୋପଲ ସିଂହ, ସସ୍ମିତା ନାଥ, ରୋଜାଲିନ ପାଣି, କାହ୍ନୁ ମହାଳିକ, ପବନ କମିଳା, ମନୋରଂଜନ ନନ୍ଦି, ପିଂଟୁ ପାଣିଗ୍ରାହୀ, କାର୍ତିକ ରାଉତ, ରବି ପ୍ରଧାନ, ସସ୍ମିତା ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଉମେଶ ବେହେରା ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଏହି ବିଜୟ ଉତ୍ସବରେ ସାମିଲ ହୋଇଥିଲେ ।

## ହର୍ମୁଜ୍‌ରେ ଆମେରିକାର ଦାଦାଗିରି ଚଳିବ ନାହିଁ : ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ଫ୍ରିଡମ୍' କୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କଲା ଇରାନ



ନୂଆଦିଲ୍ଲୀ,୦୪/୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟ ପୁଣି ଥରେ ମଧ୍ୟପ୍ରାଚ୍ୟରେ ବିପର୍ଯ୍ୟୟର ଲହରୀ ସୃଷ୍ଟି କରିଛି। ଟ୍ରମ୍ପ ପ୍ରୋଜେକ୍ଟ ଫ୍ରିଡମ୍ ଘୋଷଣା କରିଛନ୍ତି, ଯାହା ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ଜାହାଜଗୁଡ଼ିକୁ ମୁକ୍ତ କରିବ । ଇରାନ ଟ୍ରମ୍ପଙ୍କ ଯୋଜନାକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛି ଏବଂ ଚେତାବନୀ ଦେଇଛି ଯେ ହର୍ମୁଜ୍ ପ୍ରଣାଳୀର ପରିଚାଳନାରେ ଆମେରିକାର ଯେକୌଣସି ହସ୍ତକ୍ଷେପକୁ ଜାରି ରହିଥିବା ଅସ୍ତ୍ରବିରତିର ଉଲ୍ଲଂଘନ ବୋଲି ବିବେଚନା କରାଯିବ । ଇରାନ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀରେ ଆମେରିକାର ଯେକୌଣସି ହସ୍ତକ୍ଷେପକୁ ସହ୍ୟ କରାଯିବ ନାହିଁ। ପ୍ରଣାଳୀରେ ଆମେରିକାର ଦାଦାଗିରି ଚଳିବ ନାହିଁ। ପ୍ରଣାଳୀ ଉପରେ ଇରାନ କୌଣସି ବାହ୍ୟ ନିୟନ୍ତ୍ରଣ ଗ୍ରହଣ କରିବ ନାହିଁ ବୋଲି ଅଜିଜି ଜୋର ଦେଇ କହିଛନ୍ତି। ଅଜିଜି ଟ୍ରମ୍ପଙ୍କ ପ୍ରୋଜେକ୍ଟ ଫ୍ରିଡମ୍ ପଦକ୍ଷେପକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଏବଂ ବ୍ୟାପକ ଉପସାଗରୀୟ ଅଞ୍ଚଳର ପରିଚାଳନା ଟ୍ରମ୍ପଙ୍କ ଭ୍ରାମକ ପୋଷ୍ଟ ଦ୍ୱାରା ନିୟନ୍ତ୍ରିତ ହେବ ନାହିଁ। ଅଜିଜିଙ୍କ ମନ୍ତବ୍ୟ ଏହି ଅଞ୍ଚଳରେ ସାମୁଦ୍ରିକ ପରିବହନର ମଧ୍ୟସ୍ଥି ଭାବରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଆମେରିକାର ପ୍ରୟାସକୁ ତେହେରାନ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ଦର୍ଶାଉଛି। ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ସ୍ଥିତି ସ୍ପଷ୍ଟ। ଏହା ଯୁଦ୍ଧ ପୂର୍ବ ପରିସ୍ଥିତିକୁ ଫେରିବ ନାହିଁ ଏବଂ ଇରାନ ତଥା ଓମାନର ନିୟନ୍ତ୍ରଣରେ ରହିବ। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଆମେରିକା ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ବିଦେଶୀ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏକ ନୌସେନା ଅଭିଯାନ ଆରମ୍ଭ କରିବ। ସେ ଏହି ପଦକ୍ଷେପକୁ ଜାରି ରହିଥିବା ଆଞ୍ଚଳିକ ଉତ୍ତେଜନା ମଧ୍ୟରେ ଏକ ମାନବିକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରାଯାଇଥିବା ଏକ ବିବୃତିରେ ଟ୍ରମ୍ପ ଦାବି କରିଛନ୍ତି, ଅନେକ ଦେଶ ରଣନୈତିକ ଜଳପଥ ଦେଇ ଯିବାକୁ ଅସମର୍ଥ ଜାହାଜଗୁଡ଼ିକୁ ମୁକ୍ତ କରିବା ପାଇଁ ଆମେରିକାର ସହାୟତା ଅନୁରୋଧ କରିଛନ୍ତି। ସେ କହିଛନ୍ତି, ପ୍ରୋଜେକ୍ଟ ଫ୍ରିଡମ୍ ନାମକ ଏହି ପଦକ୍ଷେପ ପଶ୍ଚିମ ଏସିଆ ସମୟ ସୋମବାର ସକାଳେ ଆରମ୍ଭ ହେବ। ଆମେରିକୀୟ ସେନାକୁ ନିଷିଦ୍ଧ କ୍ଷେତ୍ରରୁ ଜାହାଜ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିବାର ଦାୟିତ୍ୱ ଦିଆଯିବ। ଟ୍ରମ୍ପ ଜୋର ଦେଇ କହିଛନ୍ତି, ପ୍ରଭାବିତ ଜାହାଜ ମଧ୍ୟରୁ ଅନେକ ବର୍ତ୍ତମାନର ସଂଘର୍ଷରେ ସାମିଲ ନଥିବା ଦେଶମାନଙ୍କର।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ନାରଦ ଜୟନ୍ତୀ ଉତ୍ସବ ପାଳନ

ସୁବର୍ଣ୍ଣପୁର, ୦୪/୦୫ (ନି.ପ୍ର): ସ୍ଥାନୀୟ ମୁନ ହୋଟେଲ କନ୍ଫରେନ୍ସ ହଲ୍ ରେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ତରଫରୁ ଦେବର୍ଷି ନାରଦ ଜୟନ୍ତୀ ମହା ସମାରୋହରେ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମଞ୍ଚାସିନ ଅତିଥି ଦିଲ୍ଲୀପ କୁମାର ତ୍ରିପାଠୀ ଜିଲ୍ଲା ସଂଘ ଚାଳକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସୁବର୍ଣ୍ଣପୁର, ଶିବ ପ୍ରସାଦ ପାତ୍ର ନଗର ସଂଘ ଚାଳକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସୋନପୁର ନଗର, ଜୟଦ୍ରଥ ଜଗଦଲା ସହଜିଲ୍ଲା ସଂଘ ଚାଳକ ସୋନପୁର, ମୁଖ୍ୟ ଅତିଥି ସୁଶ୍ରୀ ପ୍ରୀତି ସୁନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବର୍ଣ୍ଣପୁର ଜିଲ୍ଲା, ମୁଖ୍ୟ ବକ୍ତା କମ୍ବୁପାଣି ପ୍ରାନ୍ତ ସମ୍ପର୍କ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ପଶ୍ଚିମଙ୍କ ଦ୍ୱାରା ଦେବର୍ଷି ନାରଦ, ଭାରତ ମାତାଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ପ୍ରାରମ୍ଭ କରାଯାଇଥିଲା। ସମସ୍ତ ସାମ୍ବାଦିକ ଓ ଲେଖକ କବି /ଲେଖକ ମାନଙ୍କ ପୂଜନ ପରେ ଉପଢୌକନ ଓ ସଂଘ ସାହିତ୍ୟ ପୁସ୍ତକ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଯୁଧିଷ୍ଠିର ଖମାରୀଙ୍କ ଦ୍ୱାରା ଅମୃତ ବଚନ ଓ ଜଳଦେବ ବେରିହାଙ୍କ ଦ୍ୱାରା ବ୍ୟକ୍ତିଗତ ଗୀତ ଗାନ କରାଯାଇଥିଲା । ବକ୍ତବ୍ୟରେ ମୁଖ୍ୟ ଅତିଥି ପ୍ରୀତି ସୁନା ବର୍ତମାନ ସମୟରେ ସମାଜର ଚତୁର୍ଥ ସ୍ତମ୍ଭ ସାମ୍ବାଦିକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ତତ୍ ସହିତ ଜଣେ ସାମ୍ବାଦିକ ହିଁ ସମାଜକୁ ପରିବର୍ତନ କରିବାର ସାମର୍ଥ୍ୟ ରଖିଥାଏ । ତାଙ୍କ ପରିଶ୍ରମ ଯୋଗୁଁ ପ୍ରଶାସନକୁ ମାର୍ଗଦର୍ଶନ କରିପାରେ । ଭୁଲ ଠିକ୍ କୁ ଦର୍ଶାଇ ସମବେତ କବି, ସାମ୍ବାଦିକ ମାନଙ୍କ ସମାଗମ ପାଇଁ ସେ ଅତ୍ୟନ୍ତ ଖୁସି ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା କମ୍ବୁପାଣି ପାଢ଼ୀ ତାଙ୍କ ବକ୍ତବ୍ୟରେ ସତ୍ୟ ଦ୍ୱାପର ଯୁଗରେ ଏକ ଶ୍ରେଷ୍ଠ ସମ୍ବାଦଦାତା ଥିଲେ ନାରଦ ବୋଲି କହି ସେ ହିଁ ଏକମାତ୍ର ବ୍ୟକ୍ତି ସତ୍ୟ କହିବାର ସତ୍ ସାହସ ରଖି ପାରୁ ଥିଲେ । ସେ ଥିଲେ ଜଣେ ଉତମ ସମାଜ ସଂସ୍କାରକ । ତେଣୁ ତାଙ୍କୁ ଆଜି ତାଙ୍କ ଜନ୍ମଦିନରେ ସ୍ମରଣ କରିବାର ଆବଶ୍ୟକତା ରହିଛି । ଧର୍ମକୁ ପାଳନ କରିବାକୁ ଅନୁପାଳନ କରି ଆସିଛି ଭାରତ । ଧର୍ମ ବିନା ଭାରତର ଅସ୍ତିତ୍ୱ କଥା ବିଚାର କରାଯାଇ ନ ପାରେ । ସମାଜରେ ଭାରତୀୟ ସଂସ୍କୃତିକୁ ସଦାସର୍ବଦା ବୈଦେଶିକ ଆକ୍ରମଣ ର ଶିକାର ହେବାକୁ ପଡ଼ି ଥିଲା । ତଥାପି ବି ଭାରତୀୟ ସଂସ୍କୃତି କେବେ ପରାଧୀନ ହୋଇ ନାହିଁ । ବର୍ତମାନ ସମୟରେ କବି ଲେଖକ ଓ ସାମ୍ବାଦିକ ମାନେ ହିଁ ଭାରତୀୟ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ବର୍ତମାନ ପର୍ଯ୍ୟକ୍ଷବରଣକୁ ସୁରକ୍ଷା ତଥା ପ୍ଲାଷ୍ଟିକର ବ୍ୟବହାର କମ କରିବା ପାଇଁ ସଚେତନ କରିବା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇ ଆମ ପରିଚୟ ସଂକ୍ଷିପ୍ତ ନ କରି ମହାନ୍ ଭାରତୀୟ ର ପରିଚୟ ଦେବା ଉଚିତ୍ ବୋଲି କହିଥିଲେ କ୍ଷ ନିଜ ନିଜ ପରିବାରକୁ ସୁଚାରୁ ଭାବରେ ପରିଚାଳନା କରିବାର ଆବଶ୍ୟକତା ରହିଛି । ତତ୍ ସହିତ ସମାଜକୁ ରାଷ୍ଟ୍ରକୁ ଦିଗଦର୍ଶନ ଦେବାରେ ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ଓ ସୁସ୍ଥ ସମାଜ ଗଠନ ଦିଗରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଓ ପ୍ରତ୍ୟେକ କ୍ଷେତ୍ରରେ ସତ୍ୟକୁ ଉପସ୍ଥାପନ କରିବା ସମାଜକୁ ସକାରାତ୍ମକ ପରିବର୍ତନ ଆଣିବାରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଉକ୍ତ ଉତ୍ସବରେ ୬୦ ଜଣ କବି ଓ ସାମ୍ବାଦିକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ପାଇଁ ପ୍ରଣବ କୁମାର ନାଏକ ପଶ୍ଚିମ ପ୍ରନ୍ତ୍ ସହ ପ୍ରଚାର ପ୍ରମୁଖ, ଧର୍ମେନ୍ଦ୍ର ବଦମଲି ଜିଲ୍ଲା କାର୍ଯ୍ୟବାହ, ହୃଷୀକେଶ ଭୋଇ ସହ କାର୍ଯ୍ୟବାହ ସୋନପୁର ଜିଲ୍ଲା, ରଶ୍ମିରଂଜନ ସୋନପୁର ଜିଲ୍ଲା ପ୍ରଚାର ପ୍ରମୁଖ, ରାଜେଶ ସିଂ ଜିଲ୍ଲା ସହ ପ୍ରଚାରପ୍ରମୁଖ, ରାଜେନ୍ଦ୍ର ନାଏକ ଜିଲ୍ଲା ସମ୍ପର୍କ ପ୍ରମୁଖ, ସଞ୍ଜୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ପରିତ୍ୟକ୍ତ କୂଅରୁ ବାରହା ଉଦ୍ଧାର

ନୂଆପଡ଼ା, ୦୪/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖୁଦପେଜ ପଂଚାୟତର ଦର୍ଲିପଡ଼ା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଆଜି ଏକ ବାରହାକୁ ଉଦ୍ଧାର କରିଛି ଖଡ଼ିଆଳ ବନ ବିଭାଗ । ଗାଁର ଭୀଷ୍ମ କଟାଙ୍କ କୂଅରେ ବାରହାଟି ପଡ଼ିଥିବା ବେଳେ ମହେନ୍ଦ୍ର କଟା ଦେଖିବାକୁ ପାଇଥିଲେ ଓ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଆସି ବାରହାକୁ ଉଦ୍ଧାର କରିଥିବା ବେଳେ ବାରହାଟି ସୁସ୍ଥ ଥିବା ଜଣାପଡ଼ିଛି। ନିକଟସ୍ଥ ଜଙ୍ଗଲରେ ତାକୁ ଛଡ଼ାଯିବ ବୋଲି ବନ ବିଭାଗ କହିଛି। ଆଜିର ଏହି ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର ସୁଦାମ କୁମାର ବାଗ, ବିଦ୍ୟାଧର ବାଗ, ଚୂଡ଼ାମଣି ବାଗ, ପ୍ରସନ୍ନ କୁମାର ହଂସ, ଦିପା ସାହୁ ପ୍ରମୁଖ ସାମିଲ ଥିଲେ।

# କେନ୍ଦ୍ରାପଡା କୈବର୍ତ୍ତ ମହାସଭାର ଚୈତ୍ର ମହୋତ୍ସବ ଉଦ୍ଘାଟିତ

କେନ୍ଦ୍ରାପଡା, ୦୪/୦୫ (ନି.ପ୍ର): ନିଖିଳ ଓଡିଶା କୈବର୍ତ ମହାସଭା ଅନୁବନ୍ଧିତ କେନ୍ଦ୍ରାପଡା ଜିଲ୍ଲା କୈବର୍ତ ମହାସଭା ର ଚୈତ୍ର ମହୋତ୍ସବ ଶ୍ରୀ ବଳଦେବଜୀଉଙ୍କ ମାଉସୀ ମା ମନ୍ଦିର ନିକଟ ରଥଦାଣ୍ଡ ରେ ଉଦ୍ଘାଟିତ ହୋଇଯାଇଛି । ୨ଦି ବ୍ୟାପି ହେବାକୁ ଥିବା ଏହି ଉତ୍ସବର ଉଦଘାଟନ ଦିବସରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ବିଭାଗର ମାନ୍ୟବର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାନ କୈବର୍ତ ଜାତିର ଐତିହ୍ୟ ପରମ୍ପରା ଓ ପୌରାଣିକ ତଥ୍ୟର ଅବତାରଣା କରିବା ସହ ଜାତିର ବିକାଶରେ ସମସ୍ତଙ୍କର ସାମୁହିକ ଉଦ୍ୟମ ନିତ୍ୟାନ୍ତ ଆବଶ୍ୟକ । ମହିଳା ମାନଙ୍କ ଶିକ୍ଷା, ଆର୍ଥିକ ବିକାଶ ପାଇଁ ଏହି ଜାତିର ସମର୍ଥ ବ୍ୟକ୍ତିମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏହା ସହ ରାଜ୍ୟ ସରକାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ବିଭିନ୍ନ ଜାତିର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ଦେବା ସହ କେନ୍ଦ୍ରାପଡା ରେ ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ସକାରାତ୍ମକ ମନ୍ତବ୍ୟ ଦେଇଥିଲେ । ରାଜ୍ୟରେ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଖୋଲା ହେବାର ନିଷ୍ପତି ରାଜ୍ୟ ସରକାର ନେଇଛନ୍ତି ଓ ୪ଟି ଜିଲ୍ଲାରେ ସ୍ଥାପନ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଅରମ୍ଭ ହେଲେ କେନ୍ଦ୍ରାପଡା ଜିଲ୍ଲା ନିଶ୍ଚିନ୍ତ ଭାବରେ ସ୍ଥାନ ପାଇବ ବୋଲି ସୂଚନା ଦେଇଥିଲେ । ଜିଲ୍ଲା ସଭାପତି ରଂଜନ କୁମାର ବେହେରାଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ କେନ୍ଦ୍ରାପଡାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଚୈତ୍ର ମହୋତ୍ସବ ସର୍ବ ଭାରତୀୟ ସ୍ତରରେ ଉପକୂଳବର୍ତୀ ଅଂଚଳର କୈବର୍ତ ଭାଇ ମାନଙ୍କ ଏକ ମହାନ ପର୍ବ ବୋଲି ବକ୍ତବ୍ୟ ରଖିଥିଲେ । କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରି ଲିଲିତା ଦାସ, କୈବର୍ତ ମହାସଭା ର ରାଜ୍ୟ ସଭାପତି ଡ଼ଃ ଦେବେନ୍ଦ୍ରନାଥ ବେହେରା, କାର୍ଯ୍ୟକାରୀ ସଭାପତି ରାଜ କିଶୋର ମହାପାତ୍ର ପ୍ରମୁଖ ମଂଚାସୀନ ରହି ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସାଧାରଣ ସଂପାଦକ ନାରାୟଣ ବେହେରା କାର୍ଯ୍ୟକ୍ରମର ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପକ ରଂଜନ କୁମାର ପ୍ରଧାନ ମଂଚ ପରିଚାଳନା କରିଥିବା ବେଳେ ଗୋକୁଳ ସଙ୍ଗୀତ ସଦନର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଓ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସର ରେ କୈବର୍ତ ସମାଜର ଜାତୀୟ ସଙ୍ଗୀତ 'ବିଷ୍ଣୁ ପଦୀ ବିଷ୍ଣୁ ପଦ ଇ-କାର ଭେଦ ଶବଦ' ଗାନ କରାଯାଇ ଥିଲା । ଏହି ଅବସର ରେ କୈବର୍ତ ସମାଜର ବିଭିନ୍ନ ଜିଲ୍ଲାର ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ଶ୍ରୀ ମହାଲିଙ୍ଗ ସମ୍ବର୍ଦ୍ଧନା ଦେଇଥିଲେ । ରାଜ୍ୟ ଉପ ସଭାପତି ଇଂ ବିଷ୍ଣୁ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମାସିକ ସମ୍ବାଦପତ୍ର 'ମନଫୁଲ ସନ୍ଦେଶ' ଉନ୍ମୋଚିତ

ଭୁବନେଶ୍ୱର , ୦୪/୦୫ (ନି.ପ୍ର): ମାସିକ ସମ୍ବାଦପତ୍ର 'ମନଫୁଲ ସନେ୍ଦଶ'ର ଉନ୍ମୋଚନ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । 'ମନଫୁଲ ସନେ୍ଦଶ'ର ସମ୍ପାଦକ ମିଲନ୍ ଜ୍ୟୋତି ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ପୂର୍ବତନ ବିଧାୟକ ତଥା ଜଣାଶୁଣା ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ବିଶିଷ୍ଟ ସାମ୍ବାଦିକ ଓ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ ବିଶୋଇ, ବିଶିଷ୍ଟ ସମାଜସେବୀ ନିରୋଜଲକ୍ଷ୍ମୀ ମହାପାତ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ନଳିନୀକାନ୍ତ ନାୟକ, ବିଶିଷ୍ଟ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ, ସମାଜସେବୀ ଅଂଶୁମାନ ଦାସ ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଆ ସମ୍ବାଦପତ୍ର ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି ସହ ଓଡ଼ିଶାର ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଖେଳ, ସିନେମା ପ୍ରଭୃତି ବିଷୟବସ୍ତୁକୁ ନେଇ ଉଚିତ୍ ଓ ସଠିକ୍ ଖବର ଜନସାଧାରଣଙ୍କ ପାଖକୁ ପହାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ମନୋଜ କୁମାର ସାହୁ, ପ୍ରଜ୍ଞା ପରମିତା ମହାନ୍ତି, ମନସ୍ମୃତି ମହାପାତ୍ର, ସରୋଜ ପ୍ରଧାନ, କ୍ଷୀରୋଦ ସାହୁ, ଜଗନ୍ନାଥ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ସ୍ୱର୍ଗତ ନିରଂଜନ ମେକାପଙ୍କ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା, ୦୪/୦୫ (ନି.ପ୍ର): ବିଶିଷ୍ଟ ସଂସ୍କୃତି ଗବେଷକ ଦିବଂଗତ ନିରଞ୍ଜନ ମେକାପଙ୍କ ଅକାଳ ବିୟୋଗରେ ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ସଂଘର ସଭାପତି ଶରତ କୁମାର ବେହୁରା ଙ୍କ ସଭାପତିତ୍ୱରେ କେନ୍ଦ୍ରାପଡ଼ା ନୂଆ ବସଷ୍ଟାଣ୍ଡ ସ୍ଥିତ ହୋଟେଲ ରିଭର ଭିୟୁ ସମିଳନୀ କକ୍ଷରେ ଶନିବାର ସଂଧ୍ୟା ରେ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ ସଭାରେ ସଂଘର କାଯ୍ୟକାରୀ ସଭାପତି ଗୋଲଖ ଚନ୍ଦ୍ର ପଢିହାରୀ, କେନ୍ଦ୍ରାପଡ଼ା ନଗର ସଭାପତି ସଂଗ୍ରାମ ଜେନା, ସଂଯୋଜକ ଚନ୍ଦନ ପରିଡା, ଉପ ସଭାପତି ଡକ୍ଟର ଚୈତନ୍ୟ ଚରଣ ପରିଡା, ଭାଗୀରଥୀ ଜେନା, ଅମର ବିଶ୍ୱାଳ, ତରୁଣ ପ୍ରଧାନ, ସୁଶିଲ କୁମାର ସାମଲ, ଉମାଶଙ୍କର ଜେନା, ରାଜେନ୍ଦ୍ର କୁମାର ରାଉତରାୟ କେନ୍ଦ୍ରାପଡ଼ା ବ୍ଲକ ସଭାପତି ପୀତବାସ ବେହେରା, ଗୋଲେଖ ଚନ୍ଦ୍ର ପରିଡା, ମାର୍ଶାଘାଇ ବ୍ଲକ ସଭାପତି ରଞ୍ଜନ କୁମାର ନାୟକ, ଆଳି ବ୍ଲକ ସଭାପତି ସୁକାନ୍ତ ରାଉତ, ଜିଲ୍ଲା ପରିଷଦ ସଦସ୍ୟ ରଶ୍ମିରଂଜନ ରାଉତ, ବାପି ସାମନ୍ତରାୟ, ଆଶିଷ ପାଣି, ପ୍ରଭାତ ପାଣି, ରିଙ୍କୁ ଲେଙ୍କା, ସରୋଜ ପରିଡା, ପ୍ରଭାତ ରଂଜନ ସ୍ୱାଇଁ, ଉମାକାନ୍ତ ବଳ ଶାନ୍ତିସରୂପ ଭୂୟାଁ, ସିଦ୍ଧାର୍ଥ ଜେନା,ବିକାଶ ମହାଲିଖ ଅନୁପ ନାୟକ, ଜିତେନ୍ଦ୍ର ମହାନ୍ତି, ବୃନ୍ଦାବନ ସ୍ୱାଇଁ, ଚିତରଞ୍ଜନ ବଳ ପହଲ୍ଲାଦ ଲେଙ୍କା, ସନ୍ତୋଷ ପ୍ରଧାନ, ମାନସ ମହାପାତ୍ର, ଗଗନ ରାଉତ ,ଅରବିନ୍ଦ ଲେଙ୍କା, ରତ୍ନାକର ରାଉତ, ମାନସ ରାଉତରାୟ, ରଞ୍ଜନ ନାୟକ, କେଦାର ସାମନ୍ତରାୟ, ନିରଞ୍ଜନ ମଲ୍ଲିକ, ବିଭାସ ଭୂୟାଁ ପ୍ରମୁଖ ଶତାଧିକ ସଦସ୍ୟ ମାନେ ଯୋଗଦାନ କରି ସ୍ୱର୍ଗତଃ ମେକାପଙ୍କ ବହୁମୁଖୀ ପ୍ରତିଭା ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ସଂଘର ବରିଷ୍ଠ ସଦସ୍ୟ ହୃଷିକେଶ ବେହେରା ଉପସ୍ଥିତ ସମସ୍ତ ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ନୂଆ ବରଙ୍ଗାମାଲରେ ଜୈବିକ ଚାଷ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୦୪/୦୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ନୂଆ ବରଙ୍ଗାମାଲ ପଂଚାୟତର ହାତୀଦହଲା ଠାରେ ରବିବାର ଦିନ ଜୈବିକ ଚାଷ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଂଚାୟତ ତଥା ଆଖପାଖର ଚାଷୀମାନେ ସାମିଲ ହୋଇଥିଲେ। ସ୍ଥାନୀୟ ସିଆରପି ମନବୋଧ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବିଶାରଦ ତଥା ସାମ୍ବାଦିକ ଭବାନୀଶ ଭୋଇ ଜୈବିକ ମାଣ୍ଡିଆ ଚାଷର ଆବଶ୍ୟକତା ଉପରେ ସଚେତନ କରିଥିଲେ। ବର୍ତମାନ ସମୟରେ ଦେଖାଦେଉଥିବା ବିଭିନ୍ନ ରୋଗର ସମାଧାନ ପାଇଁ ଜୈବିକ ଚାଷ ଆବଶ୍ୟକତା ହୋଇଥିବା ସେ କହିଥିଲେ । ତେଣୁ ଜୈବିକ ଚାଷରେ ହିଁ ଭବିଷ୍ୟତ ରହିଛି। ଅଂଚଳରେ ମାଣ୍ଡିଆରେ ବିଭିନ୍ନ ସାମଗ୍ରୀ ତିଆରି ହେଉଥିବା ବେଳେ ଏହାକୁ ଅଧିକ ପ୍ରଚାର ପ୍ରସାର କରିବାରେ ଟିଏଫ ପିସିଏଲ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ଏହି ଅବସରରେ ଚାଷୀମାନେ ଅଂଚଳରେ ମାଣ୍ଡିଆ ଚାଷ ପାଇଁ ରହିଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଫାଦର ମନୋହର ଟପ୍ପୋ, ସିଆରପି ଜିତୁ ମାଝୀ, କୈଲାଶ ସେଠ, ଅଞ୍ଜଳି ସିଂ, ମନୋରଞ୍ଜନ ମେଣ୍ଡଲୀ ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ିଶାରେ ସହରାଂଚଳ ପାନୀୟ ଜଳ ଯୋଗାଣରେ ବ୍ୟାପକ ଅଗ୍ରଗତି

ଭୁବନେଶ୍ୱର, ୦୪/୦୫ (ନି.ପ୍ର): ରାଜ୍ୟର ସମସ୍ତ ସହରାଂଚଳରେ ୨୪ଘଂଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିଜର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧକ୍ଷତାରେ ଖାରବେଳ ଭବନଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ ର ୨୦୨୬-୨୭, ୨୦୨୭-୨୮ ଏବଂ ୨୦୨୮-୨୯ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ଉପରେ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦିତ ହୋଇଛି। ରାଜ୍ୟର ୮୬ଟି ପୌରାଂଚଳରେ ୨୦୨୬ ସୁଦ୍ଧା ଜନସଂଖ୍ୟା ୩୧.୫୦ ଲକ୍ଷରେ ପହଂଚିବା ନେଇ ଆକଳନ କରାଯାଇଛି। ବର୍ତ୍ତମାନ ଏହି ଅଂଚଳଗୁଡ଼ିକରେ ଦୈନିକ ୪୫୨ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ସମସ୍ତ ସହରାଂଚଳରେ ୨୪ଘ୍୭ ଜଳ ଯୋଗାଣ ଲକ୍ଷ୍ୟ ନେଇ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି: ୨୦୨୫-୨୬ ବର୍ଷରେ ୯ଟି ପୌରାଂଚଳକୁ ଏହି ସେବାରେ ସାମିଲ କରାଯାଇଥିବା ବେଳେ, ୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପ୍ରତ୍ୟେକ ବର୍ଷ ୩୮ଟି ଲେଖାଏଁ ପୌରାଂଚଳକୁ ସାମିଲ କରାଯିବ। 'ସୁଜଳ' କାର୍ଯ୍ୟକ୍ରମ ଅଧୀନରେ ମୋଟ ୫୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ୨୦୨୬-୨୭ ବର୍ଷରେ ୧୦୨ଟି ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୭-୨୮ ରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା ରହିଛି। ଶ୍ରୀମତୀ ।ଢୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ସାର୍ବଜନୀନ ୨୪ଘ୍୭ ପାନୀୟ ଜଳ ଯୋଗାଣ ସଂକଳ୍ପକୁ ପୂରଣ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ପାଣ୍ଠିର ସର୍ବାଧିକ ବ୍ୟବହାର ଏବଂ କାର୍ଯ୍ୟର ଗତି ବଢ଼ାଇବା ଜରୁରୀ। ଏଥିସହିତ, ବିଶୁଦ୍ଧ ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ସେ ଗୁରୁତ୍ୱାରୋ କରିଛନ୍ତି। ବଗିଚା କାମ, ଗାଡ଼ି ଧୋଇବା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ପାନୀୟ ଜଳ ପରିବର୍ତ୍ତେ ବିକଳ୍ପ ଜଳ ଉତ୍ସ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ବିର୍ସା ମୁଣ୍ଡା ଷ୍ଟାଟ୍ୟୁ କମିଟି ପକ୍ଷରୁ ବିସ୍ଥାପିତ ଓ ଆଦିବାସୀଙ୍କ ଅଧିକାର ନେଇ ବିଶାଳ ସଭା

ମାଲକାନଗିରି, ୦୪/୦୫ (ନି.ପ୍ର): ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ଆଦିବାସୀ ଓ ବିସ୍ତାପିତ ଲୋକଙ୍କ ଅଧିକାର, ଶିକ୍ଷା, ଜୀବିକା ଓ ସମ୍ମାନଜନକ ଜୀବନ ନେଇ ଏକ ବିଶାଳ ସଭା ଆଜି ଆୟୋଜିତ ହୋଇଥିଲା। ଏହି ସଭାରେ ୬ଟି ପଂଚାୟତ ଓ ୪୦ଟି ଗ୍ରାମର ଦିଦାଇ ଓ ଆଦିବାସୀ ଭାଇଭଉଣୀମାନେ ଯୋଗଦେଇ ନିଜ ସମସ୍ୟା ଓ ଦାବି ଉପସ୍ଥାପନ କରିଥିଲେ।

ସଭାରେ କମିଟିର ସଭାପତି ଅର୍ଜୁନ ମୁଦୁଲି, ଉପ ସଭାପତି ଅର୍ଜୁନ ଭଜ, ସିସୀ ଚାଣ୍ଡାଲ ମୁଦୁଲି, କୋଷାଧକ୍ଷ ଶୁକ୍ରା ମୁଦୁଲି, ସରପଂଚ ଲକ୍ଷ୍ମୀ ମୁଦୁଲି, ନାୟକ ସମା ମୁଦୁଲି, ହରାପଦର ବୁଦ୍ରା ପଲାସୀ, ମୁଦୁଲିଗୁଡ଼ାର ବିନୋଦ ମୁଦୁଲି ଓ କାର୍କାଗୁଡ଼ାର ବୁଦା କିର୍ଷାନି ପ୍ରମୁଖ ଉପସ୍ଥିତ ଥିଲେ।

ସଭାରେ ବକ୍ତାମାନେ କହିଥିଲେ ଯେ, ଦିଦାଇ ଓ ବଣ୍ଡା ସମ୍ପ୍ରଦାୟ ମାଲକାନଗିରିର ମୂଳ ନିବାସୀ ହୋଇଥିବା ସତ୍ତ୍ୱେ ଆଜି ସେମାନେ ନିଜ ଅଧିକାରରୁ ବଂଚିତ ଅଛନ୍ତି। ଶିକ୍ଷାରୁ ଦୂରେ ରହିବା ଓ ମୌଳିକ ସୁବିଧାର ଅଭାବରୁ ଆଜି ମଧ୍ୟ ଅନେକ ଗ୍ରାମର ଲୋକ ପଛରେ ପଡ଼ି ରହିଛନ୍ତି। ଜଳ, ଜଙ୍ଗଲ ଓ ଜମି ଉପରେ ନିର୍ଭର କରି ବଂଚୁଥିବା ମୂଳ ନିବାସୀମାନେ ଆଜି ନିଜ ଅଧିକାର ପାଇଁ ସଂଘର୍ଷ କରୁଥିବା କଥା ମଧ୍ୟ ସଭାରେ ଉଲ୍ଲେଖ କରାଯାଇଥିଲା।

ସଭାରେ ବିସ୍ଥାପିତ ଗ୍ରାମଗୁଡ଼ିକ ପାଇଁ ଉଚ୍ଚ ଶିକ୍ଷା, ଆବାସିକ ଶିକ୍ଷା, ସମସ୍ତ ପରିବାରକୁ ଚାଷ ଜମି, ମାଗଣା ବିଦ୍ୟୁତ ସୁବିଧା, ବସ୍ ବ୍ୟବସ୍ଥା, କଲେଜ୍ରେ ଆବାସିକ ପଢ଼ାଶୁଣା, ବିଶେଷ ପରୀକ୍ଷା ପାଇଁ ଆବାସିକ ସୁବିଧା, ଉନ୍ନତ ଚିକିତ୍ସା ଓ କୌଶଳ ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଏହାସହିତ ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟିର ଲକ୍ଷ୍ୟ ଓ ଆଗାମୀ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଭଗବାନ୍ ବିର୍ଷା ମୁଣ୍ଡାଙ୍କ ଜୀବନୀ, ଆଦିବାସୀ ସମାଜ ପାଇଁ ତାଙ୍କ ସଂଘର୍ଷ, ସେବା ଓ ଜୀବନ ସମର୍ପଣକୁ ସ୍ମରଣ କରାଯାଇ ସେମାନଙ୍କ ଆଦର୍ଶରେ ଆଗକୁ ବଢ଼ିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା।

ସଭାରେ ପଦ୍ମପାଙ୍ଗୀ ସାଧାରଣ ଲୋକଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଆଜି ସମସ୍ତେ ପଞ୍ଜୀକୃତ ହୋଇଛନ୍ତି ଏବଂ ମିଳିମିଶି ଆଗକୁ ବଢ଼ିବା ସମୟ ଆସିଛି। ଆଗାମୀ ଦିନରେ ମାଲକାନଗିରି ଓ ବାଲିମେଳା ସହ ସମସ୍ତ ୭ଟି ବ୍ଲକ୍ ରେ କମିଟି ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ।

ସେ ଆହୁରି କହିଥିଲେ ଯେ, ମହିଳାମାନଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଲୋନ୍ ରେ ୭୫ ପ୍ରତିଶତ ଛାଡ଼ ରହିଛି। ଗାଈ, ଘୁଷୁରି, ଛେଳି, କୁକୁଡ଼ା, ମାଛ ଓ ଚିଙ୍ଗୁଡ଼ି ଚାଷ ସହ ଜଙ୍ଗଲରୁ ସଂଗୃହୀତ ସାମଗ୍ରୀର ଉଚିତ ମୂଲ୍ୟରେ ବିକ୍ରୟ ବ୍ୟବସ୍ଥା ବିଷୟରେ ମଧ୍ୟ ସଚେତନ କରାଯାଇଥିଲା।

ସଭାରେ ବକ୍ତାମାନେ କହିଥିଲେ ଯେ, ଆଜି ପଂଚାୟତର ସରପଂଚ ଠାରୁ ଆରମ୍ଭ କରି ବିଧାୟକ, ଜିଲ୍ଲା ପରିଷଦ ସଭାପତି, ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତି ପର୍ଯ୍ୟନ୍ତ ଅନେକ ନେତୃତ୍ୱ ଅନୁସୂଚୀତ ଜନଜାତି ସମାଜରୁ ଆସିଥିବାରୁ ଆଦିବାସୀ ସମାଜର ଉନ୍ନତି ଏବେ ନିଜ ହାତରେ ଅଛି। ଏହିପରି ସମୟରେ ସମସ୍ତେ ଏକତ୍ରିତ ହୋଇ ଏକ ନୂଆ ଓ ସମୃଦ୍ଧ ମାଲକାନଗିରି ଗଢ଼ିବାକୁ ସଭାରେ ଆହ୍ୱାନ ଦେଇଥିଲେ।

# ରାସ୍ତାକଡ଼ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା: ପ୍ରଶାସନ ଚୁପ୍

ଜୟପୁର, ୦୪/୦୫ (ନି.ପ୍ର): କୋରାପୁଟ ଜିଲାରେ ସହରକୁ ଲାଗି ରହିଥିବା ବିଭିନ୍ନ ସ୍ଥାନରେ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର, ଲମତାପୁଟରେ ରାସ୍ତା କଡରେ ମାଂସ ବିକ୍ରି କରାଯାଉଛି । ମାଂସ ବିକ୍ରି କରିବା ଠିକ୍, କିନ୍ତୁ ରାସ୍ତାକଡରେ ଜୀବହତ୍ୟା କରି ମାଂସ ବିକ୍ରି ହେବାକୁ ସାଧାରଣରେ ନାପସନ୍ଦ କରାଯାଉଛି। ସରକାରୀ ନିୟମାନୁସାରେ ସାର୍ବଜନୀନ ସ୍ଥାନରେ ଜୀବହତ୍ୟା କରିବା ଉଚିତ୍ ନୁହେଁ, କିନ୍ତୁ ଏଠାରେ ନିୟମ ଉଲ୍ଲଙ୍ଘନ କରାଯାଉଛି । ତଥାପି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ବୁଦ୍ଧିଜୀବି ମହଲରେ ଅଭିଯୋଗ ହେଉଛି । ଏହି ମାଂସ ଦୋକାନ ମାନଙ୍କରେ ପ୍ରତିଦିନ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । ପୁଣି ମୁଖ୍ୟ ରାଜରାସ୍ତାରେ ହତ୍ୟା କରାଯିବା ସହ ପ୍ରବଳ ଦୁର୍ଗନ୍ଧ ହେଉଛି ଏବଂ ପଶୁଙ୍କ ପ୍ରତି ନିଷ୍ଠୁରତାର ସୀମା ଲଙ୍ଘନ କରିଥିବା ଅଭିଯୋଗ ହେଉଛି । ରାସ୍ତାରେ ଥିବା କଂସେଇଖାନା ଗୁଡ଼ିକ ଯୋଗୁଁ ରାସ୍ତାରେ ଯିବାଆସିବା କଷ୍ଟକର ହୋଇପଡୁଛି । ମାଂସବିକ୍ରି ଉପରେ ପ୍ରତିବନ୍ଧକ ନାହିଁ, କିନ୍ତୁ ସାର୍ବଜନୀନ ସ୍ଥଳରେ ଜୀବହତ୍ୟା ଠିକ୍ ନୁହେଁ । ରାସ୍ତାରେ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ଓ ଦୁର୍ବଳ ହୃଦୟ ଲୋକଙ୍କୁ କେମିତି କଷ୍ଟ ହେଉଥିବ ସହଜେ ଅନୁମେୟ । ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଇଛି । ଦେଶରେ କଂସେଇଖାନା ଏବଂ ମାଂସ ଦୋକାନ ନିୟନ୍ତ୍ରଣ ପାଇଁ ଆଇନ ରହିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ-୧୯୬୦ ଅନୁସାରେ ହତ୍ୟା ସମୟରେ ପଶୁମାନଙ୍କୁ ଅନାବଶ୍ୟକ ଯନ୍ତ୍ରଣା ଏବଂ କଷ୍ଟ ନିଷେଧ କରେ । କଂସେଇଖାନା ନିୟମ-୨୦୦୧ ଅନୁସାରେ କଂସେଇଖାନା କରିବା ପାଇଁ ପ୍ରାଣୀ ଚିକିତ୍ସା ବିଭାଗର ପ୍ରମାଣପତ୍ର ଲୋଡ଼ା । ଉନ୍ନତ ଜୀବହତ୍ୟା ପଦ୍ଧତି ଆପଣାଇବା ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ବାଧ୍ୟତାମୂଳକ କରାଯାଇଛି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଅନୁସାରେ ସମସ୍ତ ମାଂସଦୋକାନ ଏବଂ କଂସେଇଖାନା ଗୁଡ଼ିକୁ ଲାଇସେନ୍ସ ପାଇବା ଏବଂ ସ୍ୱଚ୍ଛତା ମାନଦଣ୍ଡ ବଜାୟ ରଖିବା ଆବଶ୍ୟକ ବୋଲି ଦର୍ଶାଯାଇଛି । ସରକାରଙ୍କ ନିୟମାବଳୀ ଅନୁସାରେ ଅବୈଧ କିମ୍ବା ଅସ୍ୱଚ୍ଛ କଂସେଇଖାନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରାବଧାନ ରହିଛି । ମାଂସ ବଜାର ପାଇଁ ସ୍ୱତନ୍ତ୍ରଜୋନ୍ କରି ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । ସାର୍ବଜନୀନ ସ୍ଥାନରେ ହତ୍ୟା କରିବାକୁ ମଧ୍ୟ ବାରଣ କରାଯାଇଛି । ଏହି ଆଇନ ସତ୍ତ୍ୱେ କୋରାପୁଟ ଜିଲାରେ ତାହା ପାଳନ କରାଯାଉ ନାହିଁ । ଅନେକ କଂସେଇଖାନା ଲାଇସେନ୍ସ କିମ୍ବା ପ୍ରାଣୀ ବିଭାଗର ତଦାରଖ ବିନା ଚାଲିଛି । ତଥାପି ମୁଖ୍ୟ ରାଜରାସ୍ତା କଡରେ ଥିବା କଂସେଇଖାନା ଗୁଡ଼ିକ ବେଶ୍ ଅସ୍ୱଚ୍ଛ ପରିବେଶରେ ଚାଲିଛି, ପ୍ରାଣୀଙ୍କୁ ସର୍ବସମ୍ମୁଖରେ ହତ୍ୟା କରାଯାଉଥିବା ବେଳେ ରକ୍ତ, ଦେହାବଶେଷ ଠିକ୍ ଭାବେ ପକ୍ରିୟାକରଣ କରାଯାଉ ନାହିଁ ଓ ନାଳାରେ ଦେହାବଶେଷ ଭସାଇ ଦିଆଯାଉଥିବାରୁ ଅଂଚଳରେ ସବୁବେଳେ କୁକୁର ମାନେ ଉକ୍ତ ଚମଡାକୁ ଧରି ଏଣେ ତେଣେ ବୁଲୁଥିବା ଲକ୍ଷ୍ୟ କରାଯାଇଛି । ରାସ୍ତାରେ ସବୁବେଳେ ଦୁର୍ଗନ୍ଧ ହେଉଥିବାରୁ ଯିବାଆସିବା କଷ୍ଟକର ହୋଇପଡୁଛି । ଏନେଇ ରାସ୍ତାରେ ଥିବା ମାଂସ ଦୋକାନର ଲାଇସେନ୍ସ ଅଛି କି ନାହିଁ ତାହା ତଦନ୍ତ ସାପେକ୍ଷ କରିବା ଜରୁରୀ। କେଉଁ ଦୋକାନର ସ୍ଥିତି କ'ଣ ତାହା ଯାଂଚ୍ କରି ପ୍ରଶାସନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ଭୁବନ ଅଂଚଳରେ କାଳ ବୈଶାଖୀର ତାଣ୍ଡବ

ଭୁବନ, ୦୪/୦୫ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଅଂଚଳରେ ଶନିବାର ଅପରାହ୍ନରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା । ଭୁବନ ବ୍ଲକର ପଳାସପିଠିଆ, ମୁରୁଗା, ସୁର ପ୍ରତାପପୁର, କିଙ୍ଗୋଳ, ପୁରୁଷୋତମପୁର, ଅନନ୍ତପୁର ପ୍ରଭୃତି ଗ୍ରାମରେ ବିପୁଳ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ପଳାସ ପିଠିଆର ମାନସ ମହାପାତ୍ରଙ୍କ ଢାବାରେ ଆଜବେଷ୍ଟସ ସବୁ ଉଡ଼ାଇ ନେଇଥିବା ବେଳେ ଅନନ୍ତପୁର ଗ୍ରାମର କୈଳାସ ସେଠୀଙ୍କ ଘର ଉପରେ ଏକ ଗଛ ଉପୁଡ଼ି ପଡ଼ିଥିଲା । କିଙ୍ଗୋଳ ଦଳିତ ସାହିର ନିର୍ମଳ ମଲିକଙ୍କ ଘର ଉପରେ ଗଛ ପଡ଼ି ଘର ଭାଙ୍ଗି ଯାଇଛି । ଅନେକ ସ୍ଥାନରେ ବଡ ବଡ ଗଛ ସବୁ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା । କାଳବୈଶାଖୀରେ ପନିପରିବା ଚାଷ ସମ୍ପୂର୍ଣ ଉଜୁଡ଼ି ଯାଇଥିଲା ବେଳେ ହଜାର ହଜାର ସଂଖ୍ୟାରେ ଅମୃତ ଭଣ୍ଡା, କଦଳୀ ଓ ସଜନା ଗଛ ଭାଙ୍ଗି ଯାଇଛି। ଭୁବନ ଅଗ୍ନିଶମ ବାହିନୀ ତରଫରୁ ଗତକାଲି ସନ୍ଧ୍ୟାଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଗଛ କାଟିବା କାର୍ଯ୍ୟରେ କର୍ମଚାରୀ ମାନେ ନିୟୋଜିତ ଥିବା ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଡି ପଡ଼ିଥିଲା । ବିଦ୍ୟୁତ କର୍ମଚାରୀ ମାନେ ପରିଶ୍ରମ କରି ତାର ସଜାଡ଼ିବା ପରେ ରାତ୍ର ୨ଟାରେ ବିଦ୍ୟୁତ ଯୋଗାଣ ହୋଇଥିଲା । ଏହି କାଳ ବୈଶାଖୀରେ ଅନେକ ଲୋକ ଆହତ ହୋଇଥିବା ମଧ୍ୟ ଖବର ମିଳିଛି ।ଅନୁରୂପ ଭାବେ କଙ୍କଡ଼ାହାଡ ବ୍ଲକ ରାଇବୋଲ ଅଂଚଳରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ଗ୍ରାମର ମୁରଲୀଧର ବେହେରାଙ୍କ ସମେତ ତିନି ଜଣ ଚାଷୀ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ନଟବର ସାହୁ ଏବଂ ମହନି ପାତ୍ରଙ୍କ ଜମିରେ ଫସଲ କରିବା ସହ ଆଜବେଷ୍ଟସ ଘର କରି ରହୁଥିବା ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଆଜବେଷ୍ଟସ ସବୁ ଉଡ଼ାଇ ନେଇଛି । କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ସୋସିଆଲ ମିଡିଆ ବିଗାଡୁଛି ମାନସିକ ସ୍ୱାସ୍ଥ୍ୟ




**ମାନସିକ ସ୍ୱାସ୍ଥ୍ୟ ଉପରେ ସୋସିଆଲ ମିଡ଼ିଆର ପ୍ରଭାବ**

- ସକାଳେ ଉଠିବା ମାତ୍ରେ ପ୍ରଥମେ ମୋବାଇଲ୍ ଖୋଜନ୍ତି ଯୁବପିଢ଼ି
- ଇନଷ୍ଟାଗ୍ରାମରେ ଫଟୋ ଅପଲୋଡ୍ ସହ ଫେସ୍‌ବୁକରେ କରନ୍ତି ଷ୍ଟାଟସ୍ ଅପଡେଟ୍
- ପୂର୍ବରୁ ସୋସିଆଲ୍ ମିଡିଆ ସମ୍ପର୍କ ଯୋଡ଼ିବାର ଏକ ମାଧ୍ୟମ ଥିଲା
- ଧୀରେ ଧୀରେ ଏହି ଧାରାରେ ପରିବର୍ତ୍ତନ ଆସିଛି
- ସୋସିଆଲ ମିଡିଆରେ ଏବେ ଲାଇକ, ସେୟାରର ଲଢ଼େଇ ଚାଲିଛି
- ଏହାଦ୍ୱାରା ବନ୍ଧୁ ମାନଙ୍କ ମଧ୍ୟରେ ସମ୍ପର୍କ ବିଗିଡୁଥିବା ଦେଖିବାକୁ ମିଳୁଛି

**ଲାଇକ୍, ସେୟାର କମିଗଲେ ଗ୍ରହଣ କରିବା ହେଉନି ସହଜ**

ପାଗଳ କରୁଛି ସୋସିଆଲ ମିଡିଆ । ଆଜିକାଲିର ଯୁବପିଢ଼ିମାନଙ୍କ ପାଇଁ ସୋସିଆଲ ମିଡ଼ିଆ ବ୍ୟବହାର କରିବା ଯାହା ଦୈନନ୍ଦିନ ଜୀବନରେ ଖାଇବା, ପିଇବା, ନିଶ୍ୱାସ,ପ୍ରଶ୍ୱାସ ନେବା ତାହା । ସକାଳେ ନିଦ ଭାଙ୍ଗିବା ଠାରୁ ଆରମ୍ଭ କରି ରାତିରେ ଶୋଇବା ଯାଏ ସୋସିଆଲ ମିଡିଆ ସ୍କ୍ରଲ କରିବା, ଷ୍ଟୋରୀ ଅପଲୋଡ କରିବା ଓ ଷ୍ଟାଟସ୍ ଅପଡେଟ୍ କରିବାକୁ ଭୁଲୁନାହାନ୍ତି ଯୁବପିଢ଼ି । ସୋସିଆଲ ମିଡ଼ିଆ ମାଧ୍ୟମରେ ଦେଶ ଦୁନିଆ ବାବଦରେ ଚୁଟକିରେ ଖବର ମିଳୁଛି ସତ, ହେଲେ ଏହାର କେତେକ ଅପକାରିତା ମଣିଷର ଜୀଇଁବାର ଶୈଳୀକୁ ବିଗାଡ଼ି ଦେଇଛି । ସୋସିଆଲ୍ ମିଡିଆର ଅଭ୍ୟାସଗୁଡ଼ିକ ଧୀରେ ଧୀରେ ମନୋଭାବକୁ ପ୍ରଭାବିତ କରିବା ସହ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ଖରାପ କରୁଛି ।

କେବଳ ଲାଇକ୍ ସେୟାର ନୁହେଁ, ସୋସିଆଲ ମିଡ଼ିଆ ବ୍ୟବହାରକାରୀମାନେ ନିଜ ଜୀବନକୁ ଏହାକୁ ନେଇ ମୂଲ୍ୟାଙ୍କନ କରିବା ଆରମ୍ଭ କରିଦେଇଛନ୍ତି । ପ୍ରତ୍ୟେକ ଲାଇକ୍ ଏବଂ କମେଣ୍ଟରେ ମସ୍ତିଷ୍କକୁ ଏକ ଛୋଟ ଖୁସି ମିଳିଥାଏ



ଏବଂ ଧୀରେ ଧୀରେ ଏହା ଏକ ନିଶା ପରି ହୋଇଯାଏ । ଯଦି ପୋଷ୍ଟକୁ କମ୍ ଲାଇକ୍ ମିଳେ, ମନ ଓ ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡ଼ିଥାଏ । ଯାହଦ୍ୱାରା ମାନସିକ ଚାପ, ଚିନ୍ତା ଏବଂ କେତେକ ସମୟରେ ଅବସାଦ ଭଳି ଅବସ୍ଥା ଦେଇ ଗତି କରିବାକୁ ପଡ଼େ । ଏଭଳି ସ୍ଥିତିରେ ଭୁଲ୍ ନିଷ୍ପତ୍ତି ନେବାକୁ ମଧ୍ୟ ଆଜିର ମଣିଷ ପଛଘୁଞ୍ଚା ଦେଇନଥାଏ । ସୋସିଆଲ ମିଡିଆକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ିବାର ଆବଶ୍ୟକତା ନାହିଁ, କିନ୍ତୁ ଏହାକୁ ସନ୍ତୁଳିତ ଭାବରେ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ । ଦିନରେ ସୋସିଆଲ ମିଡିଆ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖିବା ଉଚିତ, ଅନାବଶ୍ୟକ ସ୍କ୍ରଲିଂ ଏଡ଼ାଇବା ସହ ଶୋଇବା ପୂର୍ବରୁ ଫୋନ୍ ବ୍ୟବହାର ଅଭ୍ୟାସ ତ୍ୟାଗ କଲେ ସୋସିଆଲ ମିଡ଼ିଆ ସିଣ୍ଡ୍ରୋମରୁ ମିଳିପାରିବ ମୁକ୍ତି ।

# ସ୍ୱାସ୍ଥ୍ୟ ପାଇଁ ନୂଆ ଆଶା : କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗର ବଢୁଛି ଚାହିଦା



ଜନ୍ମଗତ ହେଉ ଅବା ଦୁର୍ଘଟଣା ଜନିତ କାରଣରୁ ମଣିଷ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ହରାଇଥାଏ । ଜନ୍ମରୁ କାହାର ହାତ, ଗୋଡ଼ ନଥାଏ ତ ଆଉ କାହାର ଦୁର୍ଘଟଣାରେ ଅଙ୍ଗ ନଷ୍ଟ ହୋଇଯାଏ । ପୂର୍ବରୁ ଯଦି ଜଣେ ବ୍ୟକ୍ତିର ଶରୀରରେ କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହେଉଥିଲା, ସେତେବେଳେ ଏହାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ଅଙ୍ଗ ଦ୍ୱାରା ବଦଳା ଯାଉଥିଲା । ଯାହାକୁ ଅଙ୍ଗ ପ୍ରତିରୋପଣ କୁହାଯାଏ । କେତେକ କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ କରାଯାଇଥାଏ । ଆଉ କେତେବେଳେ ଏଥିପାଇଁ ଅପରପକ୍ଷଙ୍କୁ ରାଜି କରାଇବାକୁ ପଡ଼େ । ତେବେ ଏସବୁ ସମସ୍ୟାର ସମାଧାନ ଦିଗରେ କୃତ୍ରିମ ଅଙ୍ଗ ନୂତନ ଆଶା ସୃଷ୍ଟି କରିଛି । ଏଗୁଡ଼ିକୁ ଜଣେ ବ୍ୟକ୍ତିଙ୍କ ଶରୀରରେ କ୍ଷତିଗ୍ରସ୍ତ ଅଙ୍ଗ ସ୍ଥାନରେ ଲଗାଯାଇଥାଏ । ଏହା ବ୍ୟକ୍ତିଙ୍କ ଜୀବନକୁ ଉନ୍ନତ କରିବା ସହ ଜୀବନ ପ୍ରତି ବିପଦକୁ ମଧ୍ୟ ହ୍ରାସ କରିଥାଏ ।

**କୃତ୍ରିମ ଅଙ୍ଗ ପ୍ରତିରୋପଣ ନୁହେଁ ସହଜ**

- ପ୍ରତିରୋପଣ କରିବା ପୂର୍ବରୁ ଅନେକ ପ୍ରକାରର ପରୀକ୍ଷା ହୁଏ
- ରିପୋର୍ଟ ସ୍ୱାଭାବିକ ହେଲେ ହିଁ ଏଗୁଡ଼ିକୁ ପ୍ରତିରୋପଣ କରାଯାଏ
- ପ୍ରତିରୋପଣ ପରେ ଅଙ୍ଗଗୁଡ଼ିକର ପ୍ରତିକ୍ରିୟା ଉପରେ ନଜର ରଖାଯାଏ
- ବ୍ୟକ୍ତି ସେଗୁଡ଼ିକୁ କିପରି ପରିଚାଳନା କରେ ତାହା ମଧ୍ୟ ଦେଖାଯାଏ

ଏକ କୃତ୍ରିମ ଅଙ୍ଗ କିପରି କାର୍ଯ୍ୟ କରେ ତାହା କେଉଁ ଅଙ୍ଗ ସ୍ଥାନରେ ଲଗାଯାଉଛି ତାହା ଉପରେ ନିର୍ଭର କରେ । ଏହାର ମୁଖ୍ୟ କାର୍ଯ୍ୟ ହେଉଛି ଏକ ପ୍ରକୃତ ଅଙ୍ଗ ପରି କାମ କରିବା । ଉଦାହରଣ ସ୍ୱରୂପ, ଯଦି କେହି ଏକ କୃତ୍ରିମ ହୃଦୟ ଲଗାଇଥା'ନ୍ତି ,ତେବେ ଏହାର କାର୍ଯ୍ୟ ହେଉଛି ରକ୍ତ ପମ୍ପ୍ କରିବା । ଏଥିପାଇଁ ଏକ ପମ୍ପିଂ ସିଷ୍ଟମ୍ ଏବଂ ବ୍ୟାଟେରୀ ଅଛି ଯାହା ସମଗ୍ର ଶରୀରକୁ ରକ୍ତ ପଠାଇଥାଏ । ଏହାକୁ ଛାତିରେ ପ୍ରତିରୋପଣ କରାଯାଏ ଯେଉଁଠାରେ ହୃଦୟ ଥାଏ । ସେହିପରି କୃତ୍ରିମ କିଡନିରେ ରକ୍ତକୁ ବିଶୋଧିତ କରିବାକୁ ବ୍ୟବସ୍ଥା ରହିଥିବା ବେଳେ ଆଖି ପାଇଁ କୃତ୍ରିମ କର୍ଣ୍ଣିଆ ରହିଥାଏ । ତେବେ ପ୍ରତ୍ୟେକ ଆବଶ୍ୟକତା ଥିବା ବ୍ୟକ୍ତିଙ୍କଠାରେ ସହଜରେ ପ୍ରତିରୋପଣ ହୋଇପାରିନଥାଏ, ଜାଣନ୍ତୁ ଏହାର କାରଣ ।

୨୦୨୪ ଗ୍ଲୋବାଲ ଡାଟା ରିପୋର୍ଟ ଅନୁଯାୟୀ, ୨୧ଟି କୃତ୍ରିମ ଫୁସଫୁସ୍ ବିଶ୍ୱରେ ବିଭିନ୍ନ ବିକାଶ ପର୍ଯ୍ୟାୟରେ ରହିଛି । ଏଥିମଧ୍ୟରୁ ୭ଟି ସକ୍ରିୟ ବିକାଶ ପର୍ଯ୍ୟାୟରେ ଅଛି । ଯଦି ଏହା ସଫଳ ହୁଏ, ତେବେ ଲୋକଙ୍କଠାରେ କୃତ୍ରିମ ଫୁସଫୁସ୍ ମଧ୍ୟ ପ୍ରତିରୋପଣ କରାଯାଇପାରିବ । ତଥାପି ବିପଜ୍ଜନକ ପରିସ୍ଥିତିରେ ଲୋକଙ୍କୁ ଋଉଗଡ଼ ଅର୍ଥାତ୍ କୃତ୍ରିମ ଫୁସଫୁସ୍ ସହାୟତା ପ୍ରଦାନ କରାଯାଏ । କିନ୍ତୁ ଏପର୍ଯ୍ୟନ୍ତ ଶରୀରରେ ଏହାର ସ୍ଥାୟୀ ପ୍ରତିରୋପଣ କରାଯିବା ସମ୍ଭବ ହୋଇପାରିନାହିଁ ।

# ସୋୟା କଟ୍‌ଲେଟ୍: ଜାଣନ୍ତୁ କେମିତି କରିବେ ପ୍ରସ୍ତୁତି



ଆବଶ୍ୟକ ସାମଗ୍ରୀ: ସୋୟାବିନ୍- ୫୦ ଗ୍ରାମ୍, ଆଳୁ- ୫୦ ଗ୍ରାମ୍ (ସିଝା), ଗରମ ମସଲା- ଅଧା ଚାମଚ, ଧନିଆପତ୍ର- ଅଳ୍ପ, ଗୋଲମରିଚ ଗୁଣ୍ଡ- ଅଳ୍ପ, ଗାଜର- ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ- ଅଳ୍ପ, ବେସନ- ୨ ଚାମଚ, ରସୁଣ- ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ । ଆଳୁକୁ ସିଝାଇ ସେଥିରୁ ଚୋପାର ବାହାର କରିଦିଅନ୍ତୁ । ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ । ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ । ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ । ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲକରି ରଖନ୍ତୁ । ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ । ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣିନିଅନ୍ତୁ । ଏବେ ଏହି କଟ୍‌ଲେଟଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ ।

# ମୋଟାପଣକୁ କମ୍ ଦେଖାଇଥାଏ ଏହି କଲର ଆଉଟ୍‌ଫିଟ୍

**ଷ୍ଟାଇଲିଶ୍ ଓ ଗ୍ଲାମର୍ସ ଦେଖାଯିବା ପାଇଁ ହେଲେ ପ୍ରଥମେ ନିଜ ଆଉଟ୍‌ଫିଟ୍ ଉପରେ ଧ୍ୟାନଦେବାକୁ ହେବ । ତେବେ ବ୍ଲାକ୍ କଲର ଆଉଟ୍‌ଫିଟ୍ ମୋଟାପଣକୁ କମ୍ ଦେଖାଇଥାଏ । ତେଣୁ ପ୍ଲସ୍ ସାଇଜ୍ ମହିଳା ଏହି ରଙ୍ଗର ବିଭିନ୍ନ ଡିଜାଇନ ଆପଣାଇ ପାରିବେ...**



ବ୍ଲାକ୍ କଲର ଡ୍ରେସ୍ କିଣୁଥିଲେ ପ୍ରିଣ୍ଟେଡ୍‌ର ଲମ୍ବା ଡ୍ରେସ୍ କିଣନ୍ତୁ । ଏଭଳି ଡ୍ରେସ୍ ପିନ୍ଧିଲେ ପତଳା ଦେଖାଯିବେ । ଯଦି ହାଇଟ୍ ଠିକ୍ ଥିବ ଓ ପ୍ଲସ୍ ସାଇଜ୍ ହୋଇଥିବ ତା'ହେଲେ ଭର୍ଟିକାଲ ଲାଇନ୍ ପ୍ରିଣ୍ଟଥିବା ଡ୍ରେସ୍ ପିନ୍ଧନ୍ତୁ । ବ୍ଲାକ୍‌ର ବେଲ୍ଟ ଡ୍ରେସ୍ ମଧ୍ୟ ପ୍ଲସ୍ ସାଇଜ୍ ମହିଳାଙ୍କୁ ଭଲ ଲାଗିବ । ଏଭଳି ଡ୍ରେସ୍‌ରେ ବଡି ଫ୍ୟାଟ୍ କମ୍ ଲାଗିବ । ତେବେ ମୋଟା ବେଲ୍ଟ ପିନ୍ଧନ୍ତୁ, କିଛି ମାତ୍ରାରେ ପେଟ ଚାପି ହୋଇ ଛୋଟ ଲାଗିବ । କଟନ୍ ଓ ଡେନିମ୍ ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ ନାହିଁ, ଏଥିରେ ଅଧିକ ମୋଟା ଜଣାପଡ଼ିବ । ଲାଇଲନ୍ କ୍ରେପ୍ ଓ ଶିଫନ୍ ଭଳି ଫାବ୍ରିକ୍‌ର ଫିଟିଂ ଡ୍ରେସ୍ ପିନ୍ଧନ୍ତୁ, ପତଳା ଦେଖାଯିବେ । ବ୍ଲାକ୍ ଶାଢ଼ିରେ ମଧ୍ୟ ମୋଟାପଣକୁ କିଛି ମାତ୍ରାରେ ଲୁଚାଇ ହେବ । ଶାଢ଼ିରେ ମଧ୍ୟ ଭର୍ଟିକାଲ୍ ପ୍ରିଣ୍ଟ ପିନ୍ଧନ୍ତୁ ଅଧିକ ପତଳା ଲାଗିବେ । ତେବେ ଶାଢ଼ି ପିନ୍ଧିବା ସମୟରେ ପେଟିକୋଟ୍ ଠିକ୍ ଭାବେ ବାନ୍ଧନ୍ତୁ ନଚେତ୍ ମୋଟା ଲାଗିବେ ।

# ଓଜନ ହ୍ରାସ ପାଇଁ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଉପାୟ ...





ସମସ୍ତେ ଆଜିକାଲି ଦୁନିଆ ରେ ଫିଟ୍ ରହିବା ପାଇଁ ଚାହାଁନ୍ତି ସେଥିପାଇଁ ଜିମ୍ ଯିବା ସହ ସକାଳୁ ବ୍ୟାୟାମ କରିବା ସୁସ୍ଥ ଖାଦ୍ୟ ଖାଇବା ଉପରେ ଧ୍ୟାନ ଦେଉଛନ୍ତି ଯୁବପିଢି । କିନ୍ତୁ ଆମର ଜୀବନଶୈଳୀ ଆଉ ମାନସିକ ଚିନ୍ତା ଯୋଗୁଁ ଏହାର ପ୍ରଭାବ ମଧ୍ୟ ଆମ ଶରୀର ଉପରେ ପଡିଥାଏ । ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି । ସଭିଏଁ ଚାହାନ୍ତି ଫିଟ୍ ରହିବାକୁ । ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ । ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ ।

ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ ।

କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ । ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ । ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ ? ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ ।

ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି । ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ । ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ । ତାହାକୁ ଖୁବ୍ ସାନ ସାନ କରି କାଟିଦିଅନ୍ତୁ । ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ । ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ । ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ । ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ । ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି । ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ । ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି । ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ ।

# ସୁରକ୍ଷିତ ଯାତ୍ରା ସାମ୍ବିଧାନିକ ଅଧିକାର: ରାଜପଥ ସୁରକ୍ଷା ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ କଡ଼ା ବାର୍ତ୍ତା

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ସଡ଼କ ସୁରକ୍ଷା ଏବଂ ନାଗରିକମାନଙ୍କର ମୌଳିକ ଅଧିକାରକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ବିଚାରପତି ଜେ କେ ମାହେଶ୍ୱରୀ ଏବଂ ଅତୁଲ ଏସ ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଜାତୀୟ ରାଜପଥଗୁଡ଼ିକରେ ସୁରକ୍ଷିତ ଯାତ୍ରା କରିବା କେବଳ ଏକ ସାଧାରଣ ସୁବିଧା ନୁହେଁ, ବରଂ ଏହା ଭାରତୀୟ ସମ୍ବିଧାନର ଧାରା ୨୧ ଅଧୀନରେ ଥିବା ଜୀବନ ଧାରଣର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ନିଷ୍ପତ୍ତି ଏକ ଆଇନଗତ ବ୍ୟାଖ୍ୟା ହେବା ସହିତ ରାଷ୍ଟ୍ରର ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଦିଗଦର୍ଶନ ମଧ୍ୟ ଅଟେ । ଦେଶର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ସଡ଼କ ଦୁର୍ଘଟଣା ଏବଂ ସେଥିରେ ଝରି ପଡୁଥିବା ଜୀବନକୁ ଦୃଷ୍ଟିରେ ରଖି ନ୍ୟାୟାଳୟଙ୍କ ଏହି ହସ୍ତକ୍ଷେପ ଅତ୍ୟନ୍ତ ସମୟୋପଯୋଗୀ ଅଟେ । ସମ୍ବିଧାନ ନାଗରିକମାନଙ୍କୁ ଯେଉଁ ଜୀବନ ଧାରଣର ଅଧିକାର ପ୍ରଦାନ କରିଛି, ତାହାର ଅର୍ଥ କେବଳ ଶାରୀରିକ ଭାବେ ବଞ୍ଚି ରହିବା ନୁହେଁ, ବରଂ ଏକ ସୁରକ୍ଷିତ ଏବଂ ଭୟମୁକ୍ତ ପରିବେଶରେ ବଞ୍ଚିବା । ଅତୀତରେ ସର୍ବୋଚ୍ଚ ନ୍ୟାୟାଳୟ ଧାରା ୨୧ ର ପରିସରକୁ ବୃଦ୍ଧି କରି ଏଥିରେ ବିଶୁଦ୍ଧ ବାୟୁ, ସ୍ୱାସ୍ଥ୍ୟ ଏବଂ ଗୋପନୀୟତାର ଅଧିକାରକୁ ସାମିଲ କରିଥିଲେ । ବର୍ତ୍ତମାନ ସୁରକ୍ଷିତ ଯାତ୍ରାକୁ ଏହି ପରିସରଭୁକ୍ତ କରିବା ପ୍ରମାଣିତ କରୁଛି ଯେ ରାଜପଥରେ ଯାତ୍ରା କରୁଥିବା ସମୟରେ କୌଣସି ବ୍ୟକ୍ତିର ସୁରକ୍ଷା ନିଶ୍ଚିତ କରିବା ରାଷ୍ଟ୍ରର ଏକ ପ୍ରାଥମିକ ଦାୟିତ୍ୱ ଅଟେ। ଏହି ରାୟ ମାଧ୍ୟମରେ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ପ୍ରଶାସନିକ ଅବହେଳା କିମ୍ବା ଭିତ୍ତିଭୂମିଗତ ତ୍ରୁଟି କାରଣରୁ ଯଦି କୌଣସି ଜୀବନ ଯାଏ, ତେବେ ତାହା ରାଷ୍ଟ୍ରର ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ଦର୍ଶାଏ ।

ପରିସଂଖ୍ୟାନ ଏବଂ ତଥ୍ୟ ଉପରେ ଦୃଷ୍ଟି ପକାଇଲେ ପରିସ୍ଥିତିର ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଯାଏ । ସର୍ବୋଚ୍ଚ ନ୍ୟାୟାଳୟ ନିଜ ଆଦେଶରେ ଉଲ୍ଲେଖ କରିଛନ୍ତି ଯେ ଭାରତର ସମୁଦାୟ ସଡ଼କ ନେଟୱାର୍କର ମାତ୍ର ଦୁଇ ପ୍ରତିଶତ ହେଉଛି ଜାତୀୟ ରାଜପଥ । କିନ୍ତୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଦେଶରେ ଘଟୁଥିବା ସମୁଦାୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟରୁ ପ୍ରାୟ ତିରିଶ ପ୍ରତିଶତ କେବଳ ଏହି ଜାତୀୟ ରାଜପଥଗୁଡ଼ିକରେ ହିଁ ଘଟିଥାଏ। ବିଶ୍ୱ ସ୍ତରୀୟ ରିପୋର୍ଟ ଅନୁଯାୟୀ ଭାରତରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଯାନବାହନ ଥିବା ବେଳେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ବିଶ୍ୱର ପ୍ରାୟ ଦଶ ପ୍ରତିଶତ ଅଟେ । ଏହି ପରିସଂଖ୍ୟାନ ପ୍ରମାଣ କରୁଛି ଯେ ଆମର ରାଜପଥଗୁଡ଼ିକ ଯାତ୍ରୀମାନଙ୍କ ପାଇଁ କେତେ ବିପଦପୂର୍ଣ୍ଣ ପାଲଟିଛି । ଉଚ୍ଚ ଗତିସମ୍ପନ୍ନ ଏକ୍ସପ୍ରେସୱେ ଏବଂ ଜାତୀୟ ରାଜପଥଗୁଡ଼ିକ ଦେଶର ଅର୍ଥନୈତିକ ବିକାଶ ଏବଂ ଯୋଗାଯୋଗର ମୁଖ୍ୟ ମାଧ୍ୟମ ଅଟେ । କିନ୍ତୁ ପ୍ରଶାସନିକ ନିଷ୍କ୍ରିୟତା, ଦାୟିତ୍ୱହୀନତା ଏବଂ ନିୟମର କୋହଳ ଅନୁପାଳନ କାରଣରୁ ଏହି ରାସ୍ତାଗୁଡ଼ିକ ଅନେକ ସମୟରେ ଅସୁରକ୍ଷିତ ହୋଇପଡୁଛି । ବେଆଇନ ପାର୍କିଂ, ରାସ୍ତା କଡ଼ରେ ଗଢ଼ି ଉଠୁଥିବା ଅନଧିକୃତ ଢାବା ଓ ହୋଟେଲ, ବ୍ଲାଇଣ୍ଡ ସ୍ପଟ୍ କିମ୍ବା ଅନ୍ଧ ବାଙ୍କଗୁଡ଼ିକର ଅଣଦେଖା ଏବଂ ରାସ୍ତାର ରକ୍ଷଣାବେକ୍ଷଣରେ ତ୍ରୁଟି ଆଦି କାରଣରୁ ଏହି ଦୁର୍ଘଟଣାଗୁଡ଼ିକ ଘଟୁଛି । ଏହା କେବଳ ଜୀବନହାନି ଘଟାଉନାହିଁ, ବରଂ ଦେଶର ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି । ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ସଡ଼କ ଦୁର୍ଘଟଣା କାରଣରୁ ଭାରତ ପ୍ରତିବର୍ଷ ନିଜର ଜିଡିପିର ଏକ ବଡ଼ ଅଂଶ ହରାଉଛି । ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ଅନେକ ପରିବାରକୁ ଆର୍ଥିକ ସଙ୍କଟ ଆଡ଼କୁ ଠେଲି ଦେଉଛି । ଏହି ସବୁ କାରଣଗୁଡ଼ିକ ମଣିଷକୃତ ଏବଂ ଏଗୁଡ଼ିକୁ ପ୍ରଶାସନିକ ତତ୍ପରତା ମାଧ୍ୟମରେ ଏଡ଼ାଇ ଦିଆଯାଇପାରିବ । ତେଣୁ ନ୍ୟାୟାଳୟଙ୍କ ଏହି ବିଶ୍ଳେଷଣ ଅତ୍ୟନ୍ତ ଯଥାର୍ଥ ଯେ ଏକ ରାଜପଥ କେବେହେଲେ ପ୍ରଶାସନିକ ଅବହେଳା କାରଣରୁ ବିପଦର କାରଣ ପାଲଟିବା ଉଚିତ ନୁହେଁ ।

ଏହି ଆଦେଶର ପୃଷ୍ଠଭୂମିରେ ରହିଛି ଗତ ବର୍ଷ ନଭେମ୍ବର ମାସରେ ଘଟିଥିବା ଦୁଇଟି ସଡ଼କ ଦୁର୍ଘଟଣା, ଯାହାକୁ ଭିତ୍ତି କରି ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତଃପ୍ରବୃତ୍ତ ଭାବେ ଏହି ମାମଲାର ବିଚାର କରିଥିଲେ । ନଭେମ୍ବର ୨ ତାରିଖରେ ରାଜସ୍ଥାନର ଫାଲୋଡି ସ୍ଥିତ ଭାରତମାଲା ରାଜପଥରେ ଏକ ଢାବା ସମ୍ମୁଖରେ ବେଆଇନ ଭାବେ ପାର୍କିଂ କରାଯାଇଥିବା ଏକ ଟ୍ରକକୁ ଏକ ଟେମ୍ପୋ ଟ୍ରାଭେଲର ଧକ୍କା ଦେଇଥିଲା । ଏହି ଟେମ୍ପୋରେ ଯୋଧପୁରରୁ ବିକାନେର ଅଭିମୁଖେ ଯାଉଥିବା ମହିଳା ଏବଂ ଶିଶୁମାନେ ଥିଲେ । ଏହି ଦୁର୍ଘଟଣାରେ ୧୫ ଜଣ ଲୋକଙ୍କର ପ୍ରାଣହାନି ଘଟିଥିଲା । ଏହାର ଠିକ୍ ପରଦିନ, ଅର୍ଥାତ୍ ନଭେମ୍ବର ୩ ତାରିଖରେ ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଅଞ୍ଚଳରେ ୧୬୩ ନମ୍ବର ଜାତୀୟ ରାଜପଥରେ ଏକ ଖାଲକୁ ଏଡ଼ାଇବାକୁ ଯାଇ ଏକ ଲରି ଏବଂ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଘଟଣାରେ ଏକ ତିନି ମାସର ଶିଶୁ କନ୍ୟା ସମେତ ୧୯ ଜଣଙ୍କର ମୃତ୍ୟୁ ହୋଇଥିଲା । ମାତ୍ର ଦୁଇ ଦିନ ମଧ୍ୟରେ ଦୁଇଟି ପୃଥକ ଦୁର୍ଘଟଣାରେ ୩୪ ଜଣଙ୍କର ମୃତ୍ୟୁ ସାଧାରଣରେ ଉଦବେଗ ସୃଷ୍ଟି କରିଥିଲା । ଏହି ଦୁଇଟି ଯାକ ଘଟଣା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ କିପରି ରାସ୍ତା କଡ଼ରେ ବେଆଇନ ପାର୍କିଂ ଏବଂ ରାସ୍ତାର ଖରାପ ଅବସ୍ଥା ଲୋକଙ୍କ ଜୀବନ ନେଉଛି । ବିଶେଷକରି ରାତି ସମୟରେ ରାଜପଥ କଡ଼ରେ ଥିବା ଢାବା କିମ୍ବା ଭୋଜନାଳୟଗୁଡ଼ିକ ପାଖରେ ଅନିୟନ୍ତ୍ରିତ ଭାବେ ଗାଡ଼ିଗୁଡ଼ିକୁ ରଖିବା ଦ୍ୱାରା ଅନ୍ୟ ଦ୍ରୁତଗାମୀ ଯାନଗୁଡ଼ିକ ପାଇଁ ଏହା ଏକ ବଡ଼ ବିପଦ ପାଲଟିଯାଉଛି । ରାସ୍ତାରେ ଥିବା ଖାଲଖମା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା ରକ୍ଷଣାବେକ୍ଷଣ କରୁଥିବା କର୍ତ୍ତୃପକ୍ଷଙ୍କ ଅବହେଳାର ପ୍ରତୀକ ଅଟେ ।

ଏହି ପରିସ୍ଥିତିର ମୁକାବିଲା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କେତେକ ସ୍ପଷ୍ଟ ଏବଂ କଠୋର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ପ୍ରଥମତଃ, କୌଣସି ବି ଜାତୀୟ ରାଜପଥର ରାଇଟ୍ ଅଫ୍ ୱେ କିମ୍ବା ରାସ୍ତା ଅଧିକାର କ୍ଷେତ୍ର ମଧ୍ୟରେ କୌଣସି ନୂତନ ଢାବା, ଭୋଜନାଳୟ କିମ୍ବା ବ୍ୟାବସାୟିକ ପ୍ରତିଷ୍ଠାନ ନିର୍ମାଣ କିମ୍ବା ପରିଚାଳନା ଉପରେ ନ୍ୟାୟାଳୟ ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି । ଦ୍ୱିତୀୟତଃ, କୌଣସି ଭାରୀ ଯାନ କିମ୍ବା ବ୍ୟାବସାୟିକ ଯାନ ଜାତୀୟ ରାଜପଥ, କ୍ୟାରେଜୱେ କିମ୍ବା ପକ୍କା ସୋଲ୍ଡର ଉପରେ ପାର୍କିଂ କରିପାରିବେ ନାହିଁ । ସେମାନଙ୍କୁ କେବଳ ନିର୍ଦ୍ଧାରିତ ପାର୍କିଂ ବେ, ଲେ-ବାଏ କିମ୍ବା ରାସ୍ତା କଡ଼ରେ ଥିବା ସ୍ୱତନ୍ତ୍ର ସୁବିଧା କେନ୍ଦ୍ରଗୁଡ଼ିକରେ ହିଁ ଗାଡ଼ି ରଖିବାକୁ ଅନୁମତି ମିଳିବ । ଏହା ସହିତ, ନ୍ୟାୟାଳୟ ଦେଶର ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ଆଗାମୀ ୬୦ ଦିନ ମଧ୍ୟରେ ନିଜ ନିଜ ଅଞ୍ଚଳରେ ଥିବା ସମସ୍ତ ବେଆଇନ ଏବଂ ଅନଧିକୃତ ନିର୍ମାଣଗୁଡ଼ିକୁ ହଟାଇଦେବେ । ଏହି ନିର୍ଦ୍ଦେଶ ମାଧ୍ୟମରେ ନ୍ୟାୟାଳୟ ଦାୟିତ୍ୱକୁ ସିଧାସଳଖ ଜିଲ୍ଲାପାଳମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ କିମ୍ବା ପୂର୍ତ୍ତ ବିଭାଗର ପୂର୍ବ ଅନୁମୋଦନ ବିନା କୌଣସି ସରକାରୀ ବିଭାଗ, କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ନିକାୟ ରାଜପଥ ସୁରକ୍ଷା ଜୋନ୍ ମଧ୍ୟରେ କୌଣସି ସ୍ଥାନ ପାଇଁ ଲାଇସେନ୍ସ କିମ୍ବା ବାଣିଜ୍ୟିକ ଅନୁମୋଦନ ପ୍ରଦାନ କରିପାରିବେ ନାହିଁ ବୋଲି ତାଗିଦ କରାଯାଇଛି । ସର୍ବୋପରି, ତୃଣମୂଳ ସ୍ତରରେ ଏହି ନିୟମଗୁଡ଼ିକର କଡ଼ାକଡ଼ି ପାଳନ ଏବଂ ତଦାରଖ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଏକ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ଗଠନ କରିବାକୁ ନ୍ୟାୟାଳୟ ଆଦେଶ ଦେଇଛନ୍ତି। ଏହି ଟାସ୍କ ଫୋର୍ସର ଗଠନ ପ୍ରମାଣିତ କରୁଛି ଯେ ନ୍ୟାୟାଳୟ କେବଳ ଆଦେଶ ଦେଇ ସୀମିତ ରହିବାକୁ ଚାହୁଁନାହାଁନ୍ତି, ବରଂ ଏହାର ବାସ୍ତବ ରୂପାୟନ ଚାହୁଁଛନ୍ତି ।

ନ୍ୟାୟାଳୟଙ୍କ ଏହି ଆଦେଶକୁ ଏକ ବ୍ୟାପକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଏହା ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ଏକ ଦୃଢ଼ ପଦକ୍ଷେପ । ଦୀର୍ଘ ଦିନ ଧରି ଆମ ଦେଶରେ ସଡ଼କ ଦୁର୍ଘଟଣାକୁ କେବଳ ଏକ ଆକସ୍ମିକ ଘଟଣା କିମ୍ବା ଦୁର୍ଭାଗ୍ୟ ଭାବରେ ଗ୍ରହଣ କରାଯାଉଥିଲା । କିନ୍ତୁ ଏହି ରାୟ ପ୍ରମାଣିତ କରୁଛି ଯେ ଅଧିକାଂଶ ଦୁର୍ଘଟଣା ପଛରେ ପ୍ରଶାସନିକ ତ୍ରୁଟି ଏବଂ ନିୟମର ଉଲ୍ଲଂଘନ ହିଁ ମୁଖ୍ୟ କାରଣ । ରାଜପଥ କଡ଼ରେ ଗଢ଼ି ଉଠୁଥିବା ଢାବା ଏବଂ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଅନେକ ଲୋକଙ୍କ ଜୀବିକାର ମାଧ୍ୟମ ହୋଇଥିଲେ ମଧ୍ୟ, ଏହା ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଅନୁଚିତ । ବ୍ୟାବସାୟିକ ସ୍ୱାର୍ଥ ଏବଂ ମାନବ ଜୀବନର ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିତାନ୍ତ ଆବଶ୍ୟକ, ଏବଂ ଏହି କ୍ଷେତ୍ରରେ ମାନବ ଜୀବନର ମୂଲ୍ୟ ସର୍ବାଗ୍ରେ ରହିବା ଉଚିତ । ଯେତେବେଳେ ଜଣେ ଯାତ୍ରୀ ଟୋଲ୍ ଗେଟରେ ଟିକସ ପ୍ରଦାନ କରନ୍ତି, ସେତେବେଳେ ସରକାର ଏବଂ ଯାତ୍ରୀଙ୍କ ମଧ୍ୟରେ ଏକ ପ୍ରକାରର ଚୁକ୍ତି ସ୍ୱାକ୍ଷରିତ ହୁଏ ଯେ ତାଙ୍କୁ ଏକ ସୁରକ୍ଷିତ ଏବଂ ବାଧାମୁକ୍ତ ରାସ୍ତା ପ୍ରଦାନ କରାଯିବ । ଜାତୀୟ ରାଜପଥ ପ୍ରାଧିକରଣ, ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବେଆଇନ ଅତିକ୍ରମଣ ଏବଂ ପାର୍କିଂ ବୃଦ୍ଧି ପାଉଛି । ଜାତୀୟ ରାଜପଥ ପ୍ରାଧିକରଣ କୋଟି କୋଟି ଟଙ୍କା ବ୍ୟୟ କରି ରାସ୍ତା ନିର୍ମାଣ କରୁଛି, କିନ୍ତୁ ନିର୍ମାଣ ପରେ ଏହାର ସୁରକ୍ଷା ଦିଗ ପ୍ରତି ଆଖିବୁଜି ଦେଉଛି । ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏବେ ପ୍ରଶାସନିକ ଅଧିକାରୀମାନଙ୍କୁ ନିଜର ଦାୟିତ୍ୱ ପ୍ରତି ଅଧିକ ଜବାବଦେହୀ ହେବାକୁ ପଡ଼ିବ । ରାସ୍ତାର ରକ୍ଷଣାବେକ୍ଷଣ, ଖାଲଖମା ମରାମତି ଏବଂ ସଠିକ୍ ସାଇନବୋର୍ଡ ଲଗାଇବା ଦିଗରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସକ୍ରିୟ ହେବାକୁ ପଡ଼ିବ । ସରକାରଙ୍କୁ ବୁଝିବାକୁ ହେବ ଯେ ଜୀବନ ରକ୍ଷା କରିବା କେବଳ ଏକ ନୈତିକ ଦାୟିତ୍ୱ ନୁହେଁ, ବରଂ ଏହା ଏକ ସାମ୍ବିଧାନିକ କର୍ତ୍ତବ୍ୟ।

ଏହି ରାୟର ସଫଳତା କେବଳ ନ୍ୟାୟାଳୟଙ୍କ ଆଦେଶ ଉପରେ ନିର୍ଭର କରେ ନାହିଁ, ବରଂ ଏହାର ସଠିକ୍ କାର୍ଯ୍ୟକାରିତା ଉପରେ ନିର୍ଭରଶୀଳ । ଅତୀତରେ ମଧ୍ୟ ସଡ଼କ ସୁରକ୍ଷାକୁ ନେଇ ଅନେକ ନିୟମ ଏବଂ ଆଇନ ପ୍ରଣୟନ କରାଯାଇଛି, କିନ୍ତୁ କ୍ଷେତ୍ର ସ୍ତରରେ ସେଗୁଡ଼ିକର ଅନୁପାଳନ ଆଶାନୁରୂପ ହୋଇପାରିନାହିଁ । ଜିଲ୍ଲା ସ୍ତରରେ ଗଠିତ ହେବାକୁ ଥିବା ଟାସ୍କ ଫୋର୍ସଗୁଡ଼ିକୁ କେବଳ କାଗଜପତ୍ରରେ ସୀମିତ ନରଖି ସେମାନଙ୍କୁ ପର୍ଯ୍ୟାପ୍ତ କ୍ଷମତା ଏବଂ ସମ୍ବଳ ପ୍ରଦାନ କରାଯିବା ଆବଶ୍ୟକ। ଏହି ଟାସ୍କ ଫୋର୍ସରେ କେବଳ ପୋଲିସ କିମ୍ବା ପୂର୍ତ୍ତ ବିଭାଗର ଅଧିକାରୀ ନରହି ସ୍ୱାସ୍ଥ୍ୟ ବିଭାଗ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ, ଯାହାଦ୍ୱାରା ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ । ନିୟମିତ ପେଟ୍ରୋଲିଂ, ବେଆଇନ ପାର୍କିଂ ଉପରେ କଡ଼ା ଜୋରିମାନା ଏବଂ ଦୁର୍ନୀତିମୁକ୍ତ ପ୍ରଶାସନ ହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ ଆଣିପାରିବ । ଏହା ସହିତ ସାଧାରଣ ଜନତା, ବିଶେଷ କରି ଭାରୀ ଯାନ ଚାଳକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କୁ ନିର୍ଦ୍ଧାରିତ ସ୍ଥାନରେ ଗାଡ଼ି ପାର୍କିଂ କରିବାର ଗୁରୁତ୍ୱ ଏବଂ ରାତି ସମୟରେ ବିଶ୍ରାମ ନେବାର ଆବଶ୍ୟକତା ସମ୍ପର୍କରେ ଶିକ୍ଷିତ କରିବାକୁ ପଡ଼ିବ । ସରକାରଙ୍କୁ ମଧ୍ୟ ରାଜପଥ କଡ଼ରେ ପର୍ଯ୍ୟାପ୍ତ ପରିମାଣର ବୈଧ ପାର୍କିଂ ସ୍ଥାନ ଏବଂ ଟ୍ରକ୍ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ କରିବା ଦିଗରେ ପୁଞ୍ଜି ନିବେଶ କରିବାକୁ ହେବ, ଯାହାଦ୍ୱାରା ସେମାନେ ବାଧ୍ୟ ହୋଇ ବେଆଇନ ଭାବେ ରାସ୍ତା କଡ଼ରେ ଗାଡ଼ି ରଖିବେ ନାହିଁ। ଯେପର୍ଯ୍ୟନ୍ତ ସରକାର ବୈଧ ବିକଳ୍ପ ପ୍ରଦାନ ନକରିଛନ୍ତି, ସେପର୍ଯ୍ୟନ୍ତ କେବଳ ଜୋରିମାନା ଆଦାୟ କରି ସମସ୍ୟାର ସମାଧାନ ହୋଇପାରିବ ନାହିଁ ।

ପରିଶେଷରେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ସଡ଼କ ସୁରକ୍ଷା କ୍ଷେତ୍ରରେ ଏକ ବାସ୍ତବବାଦୀ ଏବଂ ଗଠନମୂଳକ ପଦକ୍ଷେପ ଅଟେ । ଏହା ପ୍ରମାଣିତ କରେ ଯେ ନାଗରିକମାନଙ୍କର ଜୀବନର ମୂଲ୍ୟ କୌଣସି ବି ପ୍ରଶାସନିକ ବାହାନା କିମ୍ବା ବ୍ୟାବସାୟିକ ଲାଭଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ । ଆସନ୍ତା ଜୁନ୍ ୨୦୨୬ ରେ ନ୍ୟାୟାଳୟ ପୁଣି ଥରେ ଏହି ମାମଲାର ଶୁଣାଣି କରିବେ ଏବଂ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିବେ । ତେଣୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସମସ୍ତ ସମ୍ପୃକ୍ତ ବିଭାଗଗୁଡ଼ିକ ପାଇଁ ଏହା ଏକ ବଡ଼ ଆହ୍ୱାନ ସଦୃଶ । ଯଦି ଆମେ ପ୍ରକୃତରେ ଆମର ରାଜପଥଗୁଡ଼ିକୁ ବିପଦମୁକ୍ତ କରିବାକୁ ଚାହୁଁଛୁ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ପ୍ରଦତ୍ତ ସୁରକ୍ଷିତ ଜୀବନ ଧାରଣର ଅଧିକାର ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ, ତେବେ ଏହି ଆଦେଶର ଅକ୍ଷରେ ଅକ୍ଷରେ ପାଳନ ହେବା ଅପରିହାର୍ଯ୍ୟ । ଏକ ସୁରକ୍ଷିତ ଯାତ୍ରା କେବଳ ଏକ ଆଶା ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କର ମୌଳିକ ଅଧିକାର, ଏବଂ ଏହି ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ସମସ୍ତଙ୍କର ସାମୂହିକ ପ୍ରୟାସ ଏକାନ୍ତ କାମ୍ୟ । ସଡ଼କ ସୁରକ୍ଷାକୁ ଏକ ଜାତୀୟ ପ୍ରାଥମିକତା ଭାବରେ ଗ୍ରହଣ କରିବା ଦ୍ୱାରା ହିଁ ଆମେ ପ୍ରତିବର୍ଷ ରାଜପଥରେ ଅକାଳରେ ଯାଉଥିବା ହଜାର ହଜାର ଅମୂଲ୍ୟ ଜୀବନକୁ ରକ୍ଷା କରିପାରିବା ।

# ଓଡ଼ିଆ ସ୍ୱାଭିମାନର କାଳଜୟୀ ସ୍ୱର : ମଧୁବାବୁ



ଡ଼ ସ୍ୱାଗତିକା ସାହୁ



ଆଲୋ ସଖି, ଆପଣା ମହତ ଆପେ ରଖି, କୁ ଜୀନର ସନ୍ଧିକ୍ଷଣରେ ଦୃଢ଼ କରି ଠିଆ କରାଇଥିବା ବ୍ୟକ୍ତିତ୍ୱ, ଗୋବିନ୍ଦବଲ୍ଲଭରୁ ଆରମ୍ଭ ହୋଇ ସମାଜରେ ପ୍ରତିଷ୍ଠିତ ପ୍ରଥମ ଆଇନିଜ୍ଞ, ଓଡ଼ିଆ ଜାତିର ପୃଷ୍ଠପୋଷକ, ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ଜାତୀୟତାବାଦୀ, ଭାଷାବିତ, କବି ହେଉଛନ୍ତି ବାରିଷ୍ଟର ମଧୁସୂଦନ ଦାସ। ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ସତ୍ୟଭାମାପୁରର ଚୌଧୁରୀ ବଂଶରେ ରଘୁନାଥ ଦାସ ଏବଂ ପାର୍ବତୀ ଦେବୀଙ୍କର କୋଳମଣ୍ଡନ କରିଥିଲେ ମଧୁସୂଦନ।

ଦୁଃସାହସିକ, ମେଧାବୀ, ସ୍ଥିତପ୍ରଜ୍ଞ, ଶିଳ୍ପୀ, ବାକଚାତୁରୀ ସହ ଓଡ଼ିଆ ବୋଲି ଗର୍ବ କରି କହିବାରେ ସେ ହେଉଛନ୍ତି ଜଣେ। ଓଡ଼ିଶାର ପ୍ରଥମ ଗ୍ରାଜୁଏଟ ଯିଏ ୧୮୭୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ବି. ଏ. ପାସ କରି ୧୮୭୩ ବେଳକୁ ଏମ. ଏ. ଡିଗ୍ରୀ ହାସଲ କରିଥିଲେ। ତାଙ୍କର ଶିକ୍ଷା ପ୍ରତି ଜିଜ୍ଞାସା ଆଜିର ମାନବ ପାଇଁ ମାଇଲଖୁଣ୍ଟ ସଦୃଶ। ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଗ୍ରହଣଯୋଗ୍ୟ। ତାଙ୍କରି ପ୍ରଚେଷ୍ଟାରେ ଭାଷା ଭିତ୍ତିରେ ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସହିତ ସାମିଲ ହେଲା। ଉତ୍କଳର ଐକ୍ୟ, ଉତ୍କଳର ସର୍ବାଙ୍ଗୀନ ଉନ୍ନତି, ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ଶାସନ ଅଧୀନରେ ରଖିବା, ପ୍ରବାସୀ ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା କରିବା ମଧୁବାବୁଙ୍କର ଚର୍ମ ପଦକ୍ଷେପ ଥିଲା।

ଓଡ଼ିଆ ଭାଷାକୁ ଭଲପାଉଥିବା ମଧୁବାବୁ ଲୋକ ଆଢୁଆଳରେ ଜଣେ ବିଶିଷ୍ଟ କବି ଓ ଲେଖକ ଥିଲେ। ତାଙ୍କର ଖ୍ୟାତି ତାଙ୍କର ଲେଖନୀରୁ ସ୍ପଷ୍ଟ ଅନୁମେୟ ହୁଏ।

ମଧୁ ବାବୁଓଡ଼ିଆ ଭାଷାର ଜଣେ ସୁବକ୍ତା ଥିଲେ।ତାଙ୍କଦ୍ୱାରା ଅନେକ ଦେଶାତ୍ମବୋଧକ ସଂଗୀତ ରଚନା କରାଯାଇଥିଲା। ତାଙ୍କର ପୁସ୍ତକଗୁଡିକ ଭିତରେ ଉତ୍କଳ ସନ୍ତାନ, ଜାତି ଇତିହାସ, ଜ୍ଞାନୀର ଉକ୍ତି, ଜାତୀୟ ଗୀତିକା ଇତ୍ୟାଦି ପ୍ରଧାନ।

ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ କବିତା ଚାତୁର୍ଯ୍ୟ ଆଜି ଘରେ ଘରେ ପରିଚିତ। ବିଦ୍ୟାଳୟର ପୁସ୍ତକରେ ତାଙ୍କ କବିତା ଆଜିବି ଜାତୀୟତାଭାବ ଉଦ୍ରେକ କରିଥାଏ କୋମଳମତି ଶିଶୁଙ୍କ ହୃଦୟରେ। ତାଙ୍କର କବିତା,

୧: 'ଜାତି-ପ୍ରେମ-ବହ୍ନି
ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥମେଧ ଯଜ୍ଞ ଚାରିଆଡ଼େ ନାଚ
ଛାତିକୁ ମିଶାଇ ଛାତି।'

ଏହାକୁ ପଢ଼ିଲେ ଯେ କୌଣସି ବ୍ୟକ୍ତିର ପ୍ରାଣରେ ଜାତୀୟ ବହ୍ନି ପ୍ରଜ୍ୱଳିତ ହେବ। ଜନନୀ ଠାରୁ ଜନ୍ମଭୂମି ବଡ଼ ବୋଲି ସେ କହିଛନ୍ତି ନିଃସନ୍ଦେହରେ। ବାସ୍ତବରେ ତାଙ୍କ ଆହ୍ୱାନ ସମଗ୍ର ଓଡିଶାବାସୀଙ୍କ ମନରେ ପ୍ରେରଣା ଭରିଦେଇଥିଲା।

୨: 'ମାଆ ମାଆ ବୋଲି କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ, ଭାଇ ଭାଇ ବୋଲି କେତେ ମୁଁ ଡାକିଲି
ନ ଦେଲେ ଉତ୍ତର କେହି।'

'ସନ୍ତାନର ଉକ୍ତି' କବିତାରେ ତାଙ୍କ ସ୍ୱଦେଶ ପ୍ରୀତି ପ୍ରତିଫଳିତ।ଜନ୍ମଭୂମି ପାଇଁ ତାଙ୍କର ଅଗାଧ ଭଲପାଇବା ପରିଦୃଷ୍ଟ।

୩: 'ଖୋଜିଲି ଅରଣ୍ୟେ
ଜନ ସମାଜରେ
ଖୋଜିଲି ବାରିଧି ତଟ,
ସର୍ବତ୍ର ଦେଖିଲି ମାତା ପଦଚିହ୍ନ
ନ ହେଲା ମାତାର ଭେଟ।
ଭୁବନେଶ୍ୱରରେ ପଦଚିହ୍ନ ପରେ
ଲେଖା ଅଛି ରାଜା ରାଣୀ
ନୀଳାଚଳ ଧାମେ ପୂଜା ହେଉଅଛି
ହିନ୍ଦୁ ଜାତି ମଥାମଣି।'

୪: 'ଜାତି ନନ୍ଦିଘୋଷ
ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି
ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ?'

୫: 'ଉଠରେ ଉଠରେ
ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରବ ଗୌରବ ପୂରୁବ ସାହାସ
ପଡିବ କି କେବେ ମନେ ?'

୬: ଉତ୍କଳର ଗୌରବମୟ ଇତିହାସର ଦୃଷ୍ଟାନ୍ତ ଦେଖାଇ ସେ ଲେଖିଥିଲେ,

'ତୋ ପୂର୍ବ ପୁରୁଷେ
ଜୟ କରିଥିଲେ
ଗଙ୍ଗା ଠାରୁ ଗୋଦାବରୀ
ତାଙ୍କର ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?'

୭: ମଧୁବାବୁ ଥିଲେ ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ।ସେ ଓଡ଼ିଆ ମାନଙ୍କୁ ଉଦବୋଧନ ଦେଇ ଲେଖିଛନ୍ତି,

'କୋଟିଏ ସନ୍ତାନ
ଗୋଟିଏ ସ୍ୱରରେ
ଜନନୀ ଜନନୀ ଡାକ
ତୃଷାରେ କାତର ଗଗନକୁ ଚାହିଁ
ଯେସନେ ଡାକେ ଚାତକ।'

୮: ଏକ ସମାବେଶରେ ମଧୁବାବୁ ଆହ୍ୱାନ ଦେଇଥିଲେ,

'କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ ଡାକ 'ତ୍ରାହି ଜଗନ୍ନାଥ'।
ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ ଜାତିର ଉନ୍ନତି ପଥ।
ସୁଦର୍ଶନ ଚକ୍ର ଗରଜି ଉଠିବ ବୀର ଆତ୍ମା ସ୍ଫୁରିତ ହେବ
ଶତ୍ରୁ ପଳାଇବେ ଡରେ।'

୯: ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ମଧୁସୂଦନଙ୍କୁ ଲକ୍ଷ୍ୟ କରି ବ୍ୟାସକବି ଫକୀରମୋହନ ଯଥାର୍ଥରେ ଲେଖିଥିଲେ,

'ଧନ୍ୟ ଧନ୍ୟ ଧନ୍ୟ ମଧୁସୂଦନ
ଉତ୍କଳ-ମାତାର ଯୋଗ୍ୟ ନନ୍ଦନ
ଦେଲ ଉତ୍କଳକୁ ନବ ଜୀବନ
ଶିଖାଇଲ ଲୋକେ
ଜାତି ବନ୍ଦନ!'

୧୦: ମଧୁବାବୁଙ୍କର ସତ୍ୟବାଦୀ ବନବିଦ୍ୟାଳୟ ସହିତ ଗଭୀର ସଂପର୍କ ଥିଲା। ମଧୁସୂଦନ ଥିଲେ ମୁକୁଟ ବିହୀନ ସମ୍ରାଟ।

ଓଡ଼ିଶାର ଲୋକେ ତାଙ୍କୁ ସ୍ମରଣ କରି ତାଙ୍କ ବିଷୟରେ ପିଲା ମାନଙ୍କୁ ଶିକ୍ଷା ଦେଇ ମଧୁବାବୁଙ୍କ ଭଳି ହେବା ପାଇଁ ପ୍ରେରଣା ଦିଅନ୍ତି।

'ପାଠ ପଢିବି, ଓକିଲ ହେବି
ମଧୁବାରିଷ୍ଟର ସଙ୍ଗେ ଲଢିବି।'

୧୯୩୪ ମସିହା ଫେବୃଆରୀ ମାସ ୪ ତାରିଖ ରାତି ୧.୨୦ ମିନିଟ ସମୟରେ ତାଙ୍କର ତିରୋଧାନ ଘଟିଥିଲା। ମଧୁବାବୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅଳ୍ପ କିଛି ବର୍ଷ ଆଗରୁ ବିଦାୟ ନେଲେ। ପୁରପଲ୍ଲୀରେ ଅତି କ୍ଷୀପ୍ର ଗତିରେ ଏହି ସମ୍ବାଦ ବ୍ୟାପି ଗଲା, 'ଓଡ଼ିଶାର ମୁକୁଟ ବିହୀନ ସମ୍ରାଟ ଆଉ ନାହାନ୍ତି। ସେ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରେଣ୍ୟ କର୍ଣ୍ଣଧାର।ମଧୁବାବୁଙ୍କ ଜୀବନ ଚରିତ, ଓଡ଼ିଆ ଜାତିର ଅର୍ଦ୍ଧ ଶତାବ୍ଦୀର ଇତିହାସ।

ପଲ୍ଲୀକବି ନନ୍ଦକିଶୋରଙ୍କ ଭାଷାରେ,

'ଯେତେକାଳ ଥିବ ଓଡ଼ିଆ ଜାତି ଇତିହାସରେ
ଥିବ ତୁମ୍ଭ ନାମ ଅଙ୍କିତ ହେମମୟ ଅକ୍ଷରେ
ଚାଲିଯିବେ ସର୍ବେ ରହିବେ ନାହିଁ କେହି ମହୀରେ
ଯଶୋଦେହେ ବଞ୍ଚି ରହିବେ ମାତ୍ର ନିଃସ୍ୱାର୍ଥ ବୀରେ।'

ଆଜି ସେଇ ମହିମା ପୁରୁଷଙ୍କ ରକ୍ତମାଂସର ଶରୀର ନାହିଁ ସତ କିନ୍ତୁ ତାଙ୍କର ଦୁଃସାହସିକତା ଆଜିବି ମନରେ ନବପ୍ରେରଣା ଜାଗ୍ରତ କରେ, ଜାତିପ୍ରେମରେ ଉଦବୁଦ୍ଧ ହେବାପାଇଁ ଖୋରାକ ଦିଏ।

+କନ୍ଧମାଳ

# ନିଷ୍ପ୍ରଭ ହେଉଛି ସାମୁଦ୍ରିକ ପ୍ରାଣୀ ମାନଙ୍କର ଧ୍ୱନି



ନାରାୟଣ ଚନ୍ଦ୍ର ବିଶ୍ୱାଳ

ବର୍ତ୍ତମାନ ସମଗ୍ର ବିଶ୍ୱରେ ହର୍ମୋଜ ପ୍ରଣାଳୀରେ ସାମୁଦ୍ରିକ ଉତ୍ତେଜନା ଓ ସମଗ୍ର ସମୁଦ୍ରାଞ୍ଚଳ ଯେଉଁପରି ବିପଦଜନକ ହୋଇପଡ଼ିଛି ତାହା ପରିବେଶ ବିଜ୍ଞାନୀ ମାନଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ଦିନ ଥିଲା ତିମି ମାନଙ୍କ ସଂଗୀତ ଓ ବିଶାଳକାୟ ଡଲଫିନ୍‌ର ଏକ ପ୍ରକାର ସୁଷୁରି ଶବ୍ଦରେ ପୁରି ଉଠୁଥିଲା ସମୁଦ୍ରର ବିସ୍ତୃତ ଅଞ୍ଚଳ। ଦିଗନ୍ତ ବିସ୍ତାରୀ ପର୍ଯ୍ୟନ୍ତ ଏହା ଏକ ସୁମଧୁର ସଂଗୀତ ପରି ଅନେକଙ୍କୁ ଶୁଭିଥାଏ। ବର୍ତ୍ତମାନ ଆମ ମାନଙ୍କ ତିଆରି ମେସିନରୁ ଅବିରାମ କର୍କଶ ଧ୍ୱନି ନିର୍ଗତ ହୋଇ ସେମାନଙ୍କ ସ୍ୱର ଲହରିକୁ ଏକ ପ୍ରକାର ଅଥଳ ଜଳରେ ହଜାଇ ଦେଇଛି। ସାମୁଦ୍ରିକ ପରିସଂସ୍ଥାନ ପ୍ରତି ଭୟାବହ ବିପଦ ହୋଇ ବୃଦ୍ଧି ପାଉଛି ସାଗର ଶବ୍ଦ ପ୍ରଦୂଷଣ। ବିଶେଷଜ୍ଞ ମାନଙ୍କ ଗବେଷଣାର ତଥ୍ୟ ଯାହା ଉଲ୍ଲେଖ କରିଛି ସାଗର ଶବ୍ଦ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାଣିଜ୍ୟିକ ଜାହାଜ। ଏବେ ପୃଥିବୀର ବିଭିନ୍ନ ସମୁଦ୍ର ଅଞ୍ଚଳରେ ୨୫୦୦୦ରୁ ଊର୍ଦ୍ଧ୍ୱ ଅଧିକ ସଂଖ୍ୟକ ଜାହାଜ ଆତଯାତ କରୁଛି। ସେମାନଙ୍କ ଇଞ୍ଜିନ ପଙ୍ଖାରୁ ନିରନ୍ତର କର୍କଶ ଶବ୍ଦ ଅଥଳ ଜଳରାଶିକୁ ଗତି କରୁଛି। କେବଳ ବାଣିଜ୍ୟିକ ଜାହାଜ ନୁହେଁ ବିଶାଳକାୟ ସାମରିକ ଜାହାଜ ବା ଯୁଦ୍ଧପୋତ ଏପରିକି ବିଳାସକାରୀଙ୍କ ପାଇଁ ଯେଉଁ କ୍ରୁଜ୍ ସବୁ ସମୁଦ୍ରରେ ଆତଯାତ ହେଉଛି ସେ ସବୁ ସାମୁଦ୍ରିକ ପରିସଂସ୍ଥାର ବିପଦକୁ ଆହୁରି ସଂଗୀନ କରୁଛି। ଭୟାନକ ଚିତ୍ରଟି ହେଉଛି ସଦ୍ୟ ହର୍ମୋଜ ପ୍ରଣାଳୀକୁ ନିଜ ଦଖଲରେ ରଖିବା ପାଇଁ ଇରାନ ଦ୍ୱାରା ହଜାର ହଜାର ସାମୁଦ୍ରିକ ମାଇନ୍ସ ବିଛା ଯାଇଛି ଯାହାର ସଂସ୍ପର୍ଶରେ ଆସିବା ମାତ୍ରେ ଯୁଦ୍ଧପୋତ ଗୁଡ଼ିକ ଅଚିରେ ଧ୍ୱଂସ ହୋଇଯିବ। ଆମେ ଭଲ ଭାବେ ଜାଣିଛେ ଆମ ବିଶ୍ୱର ଅଧାରୁ ଅର୍ଦ୍ଧେକ ଭାଗ ଜଳକୁ ନେଇ ଗଠିତ। ସାଗର ଭିତରେ ତୈଳ ଓ ପ୍ରାକୃତିକ ବାଷ୍ପ ସଧାନ କରିବା ପାଇଁ ବିଶ୍ୱର ବଡ଼ ଶକ୍ତି କୁହାଯାଉଥିବା ଆମେରିକା, ଋଷ, ଚାଇନା ସେମାନଙ୍କର ବିଶାଳକାୟ ସାଇଜମିକ୍ ଏୟାର ଗନ୍ କ୍ଷଣକୁ କ୍ଷଣ ଶକ୍ତିଶାଳୀ ବିସ୍ଫୋରଣ ଘଟାଉଛନ୍ତି। ସେହିପରି ସେନାବାହିନୀ ନିମିତ୍ତ ଆବଶ୍ୟକ ପଡୁଥିବା ନେଭଲ ସୋନାର, ବନ୍ଦର ଓ ପବନ କଳ ନିମନ୍ତେ ସ୍ତମ୍ଭ ଉଠାଇବା ଲାଗି ସମୁଦ୍ରରେ କରାଯାଇଥିବା ଖୋଦନ ଓ ମାଛ ଧରା ଜାହାଜରୁ ନିର୍ଗତ ଶବ୍ଦ ମଧ୍ୟ ସାଗର ଧ୍ୱନୀ ପ୍ରଦୂଷିତ କରୁଛି। ଦିନକୁ ଦିନ ଲକ୍ଷ ଲକ୍ଷ ମାଛଧରା ଛୋଟ ବଡ଼ ଜାହାଜ ଓ ଡଙ୍ଗା ଯେଉଁପରି ଭାବରେ ରାସାୟନିକ ପ୍ରସ୍ତୁତି ସହ ସମୁଦ୍ରରେ ଆତଯାତ ହେଉଛନ୍ତି ଏହା ସାଗରର ଶବ୍ଦ ପ୍ରଦୂଷଣ ନୁହଁ ଅଥଳ ଜଳରାଶିକୁ ମଧ୍ୟ ବିଷାକ୍ତ କରିଦେଉଛନ୍ତି।

ସମଗ୍ର ବିଶ୍ୱରେ ବାଣିଜ୍ୟ କ୍ଷେତ୍ର ପାଇଁ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ବ୍ୟବସାୟ ପାଇଁ ଅଳ୍ପ ଖର୍ଚ୍ଚ ହୋଇଥାଏ। ତେବେ ଏହି ବାଣିଜ୍ୟ ବୃଦ୍ଧି ହେତୁ ସମୁଦ୍ରରେ ଦିନକୁ ଦିନ ଆହୁରି ବଡ଼ ବଡ଼ ଓ ଦ୍ରୁତଗାମୀ ଜାହାଜ ସବୁ ଚଳାଚଳ କରୁଛନ୍ତି। ତେଣୁ କରି ୧୯୬୦ ଦଶକକୁ ଦେଖିଲେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ସାମୁଦ୍ରିକ ଶବ୍ଦ ପ୍ରଦୂଷଣ ପ୍ରତି ଦଶନ୍ଧିରେ ଦୁଇ ଗୁଣିତ ନୁହେଁ ବରଂ ବହୁ ଗୁଣିତ ହୋଇ ଆସୁଛି। ଆମ ପାଖରେ ଥିବା ଭାରତ ମହାସାଗର କଥା ଆସନ୍ତୁ ପ୍ରଥମେ ବିଚାରିବା। ଏହି ମହାସାଗରରେ ଭେଳା ଭେଳା ଜାହାଜ ଗମନା ଗମନ ଯୋଗୁଁ ସାଗରର ଶବ୍ଦ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି। ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ହେତୁ ଭାରତର ପଶ୍ଚିମ ଉପକୂଳରେ ମଧ୍ୟ ଶବ୍ଦ ପ୍ରଦୂଷଣ ମଧ୍ୟ ଖୁବ ବୃଦ୍ଧି ପାଉଛି। ଆମେ ସମସ୍ତେ ଭୁଲି ଯାଉଛେଯେ, ଏହି ଅଥଳ ଜଳ ଭିତରର ଅନ୍ଧକାର ଦୁନିଆରେ ସାମୁଦ୍ରିକ ଜୀବମାନେ ଧ୍ୱନି ଉପରେ ନିର୍ଭର କରି ଚଳନ୍ତି। ଶହ ଶହ କିଲୋମିଟର ଦୂରରେ ଥିବା ଅନ୍ୟ ତିମି ମାନଙ୍କ ସହିତ ଭାବ ଯୋଡ଼ିବା ଲାଗି ତିମି ମାନେ ନିମ୍ନ ସ୍ୱରରେ ଗୀତ ଗାଇ ଥାଆନ୍ତି। ଡଲଫିନ ମାନେ ଇକୋଲୋକେସନ ବା ନିଜେ ଛାଡୁଥିବା ଧ୍ୱନୀର ପ୍ରତିଧ୍ୱନୀ ଉପରେ ନିର୍ଭର କରି ଶିକାର ସନ୍ଧାନ କରନ୍ତି। ବର୍ତ୍ତମାନ ଯେଉଁପରି ବିଶାଳକାୟ ମେସିନ ସବୁ ଆତଯାତ ହେଉଛି ଓ ସେମାନଙ୍କର ଧ୍ୱନୀ ଯୋଗୁଁ ସାମୁଦ୍ରିକ ପ୍ରାଣୀ ମାନଙ୍କର ଆବହମାନ ସମୟରୁ ରହି ଆସିଥିବା ଧ୍ୱନୀ ସତେଯେପରି ନିଷ୍ପ୍ରଭ ହୋଇଯାଉଛି। କେବଳ ସେମାନଙ୍କ ଦୁଃଖ ଏତିକିରେ ସରିନାହିଁ। ସାଥି ପାଇବା ହେଉ ବା ଖାଦ୍ୟ ସନ୍ଧାନ ଏପରିକି ବିପଦ ଏଡ଼ାଇବା ଏହି ନିରୀହ ସାମୁଦ୍ରିକ ଜୀବଙ୍କ ପକ୍ଷେ କଷ୍ଟକର ହୋଇଯାଉଛି।

ସମସ୍ୟାଟି ଏତିକିରେ ସରୁନାହିଁ, ଶବ୍ଦ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି। ସେମାନେ ସାମହିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି। ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି। ମେସିନ ଧ୍ୱନୀ ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି। ପ୍ରମୁଖ ଜାହାଜ ଯାତାୟତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ତ ଉପକୂଳ ଅଚିରେ ସାଗର ଶବ୍ଦ ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି। ସାଗର ଶବ୍ଦ ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି। ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଶବ୍ଦ ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ। ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ନୂତନ ଶୈଳୀରେ ନିର୍ମିତ ପଙ୍ଖା ଓ ଜାହାଜରେ ଦିଆଯାଉଥିବା ଆସ୍ତରଣ ଯୋଗୁଁ ବି ଶବ୍ଦ ପ୍ରଦୂଷଣ ହ୍ରାସ ପାଇପାରିବ। ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଏକ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଏହାକୁ କିଏ ମନା କରୁନାହିଁ କିନ୍ତୁ ଏହାର ଗନ ପରିବର୍ତ୍ତେ କମ୍ପନ ଭିତ୍ତିକ ପଦ୍ଧତି ଅବଲମ୍ବନ କଲେ କମ ଶବ୍ଦ ହେବ। ସେହିପରି ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନଟ କରି ନିଃଶବ୍ଦ ସାମୁଦ୍ରିକ ଜୋନ କରାଗଲେ ସାଗର ଶବ୍ଦ ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ। ଆମେ ମାନେ ନିଜର ଶ୍ରବଣ ଶକ୍ତି ହ୍ରାସ ପାଇଲେ କିପରି କଷ୍ଟ ଅନୁଭବ କରିଥାଉ ତାହା ଜଣେ ଅନୁଭବୀଙ୍କୁ ଜଣା। ତେଣୁ ଆମ ସମଗ୍ର ଜୀବ ମଣ୍ଡଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଏହି ମୁକ ନିରୀହ ଜଳଚରଙ୍କ ଶବ୍ଦ ପ୍ରଦୂଷଣ କଥା ଆସନ୍ତୁ ଅନ୍ତତଃ ଟିକିଏ ତ ଚିନ୍ତା କରିବା!!

+ବାକ୍ ଶ୍ରବଣ ବିଶେଷଜ୍ଞ,
'ଧ୍ୱନୀ', କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ,
ମୋ: ୯୪୩୮୨୭୬୭୬୦




## ଅପେକ୍ଷାର ଶେଷ ପୃଷ୍ଠା...

### ରମାକାନ୍ତ ଦାସ



କୁହ ତ...!
ମୋ ମନର ସୀମାନ୍ତ ଡେଇଁ ତୁମେ
ଚାଲିଗଲା ପରେ,
ଏ ଶୂନ୍ୟତା କାହିଁକି ଏତେ
ଶବ୍ଦ କରେ ?
ହୃଦୟର ପ୍ରତିଟି କୋଣରେ ଏବେ
ଶୁଭେ ବିଳାପର ପ୍ରତିଧ୍ୱନି,
ଯେମିତି କେଉଁ ଅଦୃଶ୍ୟ ନିଆଁରେ
ଜଳୁଛି ମୋର ପ୍ରତିଟି ରକ୍ତକଣିକା।

ଦିନ ଗଡ଼ିଯାଏ, ରାତି ବିତିଯାଏ—
ହେଲେ ମୋ ଅପେକ୍ଷା ଜଳୁଥାଏ
ଏକ ଅଲିଭା ଶିଖା ପରି।

ସତରେ କଣ ତୁମେ ଆଉ ଫେରିବନି ?
ଏବେ ସେ ଜହ୍ନ ସହ ଆଉ ଭାବ ହୁଏନା,
ନା ସେ ଦୂର ଆକାଶର ଧ୍ରୁବତାରାକୁ ଦେଖି
ମୁଁ ପଥ ଖୋଜେ।
ମୁଁ ତ ଏବେ ନୀରବତାର
ନିବିଡ଼ ପ୍ରେମିକ,
ଭାବନାହୀନ ଏକ ଏକାନ୍ତ ଦ୍ୱୀପରେ ମୁଁ
ମୋର ରାଜପ୍ରାସାଦ ଗଢ଼ିଛି।

ସ୍ୱପ୍ନ ଓ ବାସ୍ତବତାର ସେହି ଅମୀମାଂସିତ
ଲୁଚକାଳି ଖେଳରେ,
ମୁଁ ଜାଣିଛି, ମୁଁ ତୁମକୁ ହରାଇ ସାରିଛି।

ଏବେ ମୁଁ ଜଣେ ପୂଜକ—
କୌଣସି ଦେବତାର ନୁହେଁ,
ବରଂ ତୁମେ ଛାଡ଼ି ଯାଇଥିବା ସେହି ଶହ
ଶହ ସ୍ମୃତିର।
ପ୍ରତିଟି ସ୍ମୃତି ଏବେ ମୋ
ପାଇଁ ଏକ ଅର୍ଘ୍ୟ।

କୁହ ତ...!
ତୁମ ପରି ମୁଁ ବି ବଦଳି ଯିବି ?
ନିଜ ସ୍ମୃତିକୁ ପୋଛି ଦେଇ ଏକ ନୂଆ
ପରିଚୟ ସଜେଇବି ?
ନା, ଏହି ଅସମାପ୍ତ ଅପେକ୍ଷାରେ ନିଜକୁ
ସମର୍ପି ଦେବି ?

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ -୯୬୬୮୮୧୫୩୬୯

## ଅବସର ବେଳ

### ଦୀନବନ୍ଧୁ ପୋଇ

ପାଖେଇ ଗଲାଣି ଅବସର ବେଳ
ଅଛି ବାକି ଦୁଇ ବରଷ
ପିଲା ପରିବାର କେମିତି ପୋଷିବି
ମନରେ ନାହିଁ ମୋ ହରଷ ।
ଦରମା ଗଣ୍ଡାକ ଯାହା ପାଉଥିଲି
ସୁଖେ ଚଳୁଥିଲା ସଂସାର
ପେନସନ ଯୋଜନା ନୁହେଁ ମୋ ଚାକିରି
କେଉଁଠୁ ପାଇବି ଆହାର ।
ପାଉଥିଲି ଯାହା ବାଣ୍ଟି ଦେଉଥିଲି
ପତୁରା ଝିଆରି ମୋହର
ପାଇ ସେ ଚାକିରି ଯେଝା ବାଟେ ଗଲେ
ହୋଇଲେ ସିଏ ସ୍ୱାର୍ଥପର ।
ଦୁଇଟା ଛୁଆ ମୋ ଅଠର ପୂରିନି
ପଢା ସରିନାହିଁ କାହାର
ହାତକୁ ଦିହାତ ଡେରିରେ ହୋଇଲି
ଚାକିରି ନଥିବାରୁ ମୋର ।
ଆଞ୍ଜୁଳା ଖଣ୍ଡିଏ ଦେଇ ପାରିବିନି
ଏବେଠୁ କହୁଛି ଘରଣୀ
ବାଥରୁମ ମୋର ନାହିଁ ଆବାସରେ
ଗାଧୋଇ ସେ ଯାଏ ସାରଣୀ ।
ପୁରୁଷ ପିଲାଏ ତୁଠରେ ଉଣ୍ଡିବେ
ଲାଜରେ ଯାଉଛି ସରମି
ଯାହା ମୋ ଘରଣୀ କହିଲେ କହୁସେ
ସହିଯିବି ତାକୁ ନରମି ।
ଶରୀର ଫୁଙ୍ଗୁଳା ଦିଶିବ ତାହାର
ଫାଟି ହେବ ଶାଢ଼ି ପୁରଣା
ଦିନ ରାତି ବସି ଭାବୁ ଅଛି ଏବେ
କେମିତି କରିବି ଭରଣା ।
ବେକାର ବେଳାରେ ଯେଉଁ ମନ୍ତ୍ର ଥିଲା
ସେଇଟାକୁ ଏବେ ଘୋଷିବି
କରୁଣା କର ହେ ଦଇତା ପତିଏ
କେମିତି ଘର ଚଳାଇବି ।
ଧନ ନାହିଁ ବୋଲି ଗର୍ବ ଅହଙ୍କାର
ଈର୍ଷା ରାଗ ନାହିଁ ମନରେ
ଅଛି ସ୍ୱାଭିମାନ ଶିକ୍ଷକ ବୋଲିରେ
ମାଗିବିନି ହାତ ପାତିରେ ।

+କରମୁଳ, ଢେଙ୍କାନାଳ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୫ ମଇ ୨୦୨୬, ମଙ୍ଗଳବାର

# କବିତାମାଳା

## କହିଦିଅ ତୁମେ ଥରେ
### ଶରତ କୁମାର ଦାସ



ତୁମେ ମୋ ପ୍ରୀତିର ଅଥଳ ସାଗରେ
ନୀଳ ନୀଳ ଉର୍ମିମାଳା,
ମୁଁ ତୁମ ପ୍ରେମର ନୀଳ ଆକାଶରେ
ଭସା ଭସା ମେଘମାଳା ।

ଉତ୍ତପ୍ତ ମରୁରେ ତୁମେ ପ୍ରିୟା ମୋର
ସୁଶୀତଳ ଜଳାଧାର,
ଦିଗ ହଜା ପୋତ ନୀଳ ବାରିଧିରେ
ମୁଁ ତୁମର ବତୀଘର ।

ହାତ ପାପୁଲିରେ ତୁମ ମଧୁ ହସ
ପୀୟୂଷର ସ୍ନିଗ୍ଧ ସ୍ପର୍ଶ,
ଜୀବନ ଜାହ୍ନବୀ କୁଳୁକୁଳୁ ସୁରେ
ମୁଁ ତୁମ ଅନନ୍ତ ଶୋଷ ।

ବିଶ୍ୱାସର ଯେତେ ମଧୁର ଆବେଗ
ମୋ ସିକ୍ତ ହୃଦୟେ ଛନ୍ଦା,
ତନ୍ମୟ ତଲ୍ଲୀନ ମୁଗ୍ଧ ଉଚ୍ଛ୍ୱାସରେ
ମୁଁ ତୁମ ପ୍ରୀତିରେ ବନ୍ଧା ।

ତୋମେ ମୋ ହୃଦୟ ଶୁଷ୍କ ଉଦ୍ୟାନରେ
ରଜନୀଗନ୍ଧାର ବାସ୍ନା,
ତାରାଫୁଲେ ଭରା ପୂର୍ଣ୍ଣମୀ ରାତ୍ରିର
ମୁଁ ତମ ଶୀତଳ ଜ୍ୟୋତ୍ସ୍ନା ।

ତୁମ ଓଠ ଧାରେ ଲହଡ଼ି ଭାଙ୍ଗୁଛି
କୋଟି ବସନ୍ତର ଢେଉ,
ଆମ୍ର କୁଂଜବନ ଗହଳ ଗଭାରେ
ମୁଁ ତୁମ କୋଇଲି କୁହୁ ।

ମେଘର ମହ୍ଲାର ଝରେ ତୁମ କଣ୍ଠୁ
ମୁଗ୍ଧ ମୂର୍ଚ୍ଛନାର ଛନ୍ଦେ,
ବାଦଲ ଫାଙ୍କରୁ ଝରିଗଲେ ବର୍ଷା
ସ୍ୱପ୍ନରେ ତୁମକୁ ବାନ୍ଧେ ।

ପ୍ରୀତିମଗ୍ନା ତୁମେ ପ୍ରୀତିର ଈଶ୍ୱରୀ
ମଧୁସିକ୍ତ ମଧୁମାସ,
ଲବଙ୍ଗଦ୍ୱୀପର ରାଜକୁମାରୀ ଗୋ
ମୋ ନିଃଶ୍ୱାସେ ତୁମ ବାସ ।

ଆସନ୍ତ କି ଫେରି ଏଇ ଫଗୁଣରେ
ଫଗୁର ପସରା ଧରି,
ସେଇ ଫଗୁ ଧାରେ ଭିଜୁଥାନ୍ତେ ଆମେ
ଝରନ୍ତା ପ୍ରେମର ବାରି ।

ଆଖି ଦୁଇ ମୋର ଏବେବି ଖୋଜୁଛି
ଅବୁଝା ମନ ମୋ ଝୁରେ,
କେବେ ଆସି ତୁମେ ଜାଳିବ ଜାଗର
କହିଦିଅ ତୁମେ ଥରେ ।

+ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ତୁମ ସହରେ
### ପୁସ୍ତମ ଯୁଆଡି



ଏହାରି ଭିତରେ ଅନେକ କଥା
ଘଟିଗଲା ତମ ସହରେ
କଢ଼ମାନେ ଫୁଟି ପାରିଲେନି ଫୁଲ ହୋଇ
ଚଂଚୁରେ ଖାଦ୍ୟ ଧରି ପକ୍ଷୀହଳକ
ଅପେକ୍ଷା କଲେ କାହାର ଆଦେଶ।

ବେଳେବେଳେ ନ ହେବା ଘଟଣା କାହିଁ
ଘଟିଯାଏ ତୁମ ସହରେ
ମୁଁ ତାର ଟେର୍ ପାଏନି।

ରକ୍ତଯୁବା ଓଠ ତୁମ
କହେ କେତେ କଥା
ମୁଁ ଫେରି ଆସୁଥାଏ
ରାତିକୁ ଗୋଟିଏ ପ୍ରେମ ଗପ ଶୁନେଇ
ସକାଳକୁ ଗୋଟିଏ ଦିନର
ପର୍ଯ୍ୟାପ୍ତ ଆଲୋକ ଉଧାର ଦେଇ
ସ୍ୱପ୍ନମାନଂକୁ ଶିକୁଳୀରେ ବାନ୍ଧି
ବର୍ଷ ତମାମର ଅବସାଦକୁ
ହେଙ୍ଗରରେ ଝୁଲେଇଦେଇ
ପାଦ ଥାପେ ତୁମ ସହରେ।

ନିଜକୁ ଜାକିଜୁକି ଦେଲାପରେ
କ'ଣ ବା ଥାଏ ନିଜଠେଇ
ଢେର କାନ୍ଦିଲା ପରେ ବି
କାହାକୁ କେବେ ମିଳିଛି ଯେ
ନିଜ ନିଜର ପୃଥିବୀ।

ରାସ୍ତା ସାରା ତୁମ୍ କଥା
ତୁମ୍ ସ୍ମୃତି
ଅଗନାଅଗନି ବନସ୍ତ
ବନସ୍ତ ଭିତରେ କେଉଁ ଏକ ଡାକବଙ୍ଗଳା
ତା'ରି ଭିତରେ ରଜାରାଣୀ ଗପ
ମୁଁ ଆଗଉଥାଏ
ଜଂଗଲର ସେଇ ଶୁନଶାନ ପାହାଡ଼ୀ ରାସ୍ତାରେ
ଯେଉଁଠି ହିଂସ୍ରଜୀବମାନଙ୍କର ଚାଲିଥାଏ ପର୍ବ।

ଏଇ ଦେଖ ପାଦଦେଲି ତୁମ ସହରେ
ତୁମ୍ ଗଳି,ତୁମ ପଡାରେ
ଆଉ କିଛି ପାଦ
ଆଗେଇଲେ ତୁମ୍ ଘର
ନସମା କାଠର ନିଆଁରେ
ତୁମେ ଶାନ୍ତି କରିପାରିଲେ
ଜୀବନ ଭୋଗିବା
ପ୍ରେମ ପାଳିବା
ଏକା ଏକା ଏକାନ୍ତରେ !

ଏ ଅଘଟଣ କଥା ଛାଡ ହୋ
ନିଜକୁ ଉତାରି ଦେଇ
ଆସ ଆମେ ପିନ୍ଧି ପକେଇବା
ମିଛର ଖୋଳପା !!

+ଭୁତିବାହାଲ, ଗାଇସିଲାଟ
ବରଗଡ,
ମୋ -୬୩୭୧୪୧୯୩୩୪

## ସେହି ହାତକୁ ମୋର କୋଟି ନମସ୍କାର
### ବସନ୍ତ କୁମାର ପ୍ରଧାନ



ସେହି ମଣିଷର ସେହି ହାତକୁ
ମୋର କୋଟି ନମସ୍କାର
ଯା'ର ଶ୍ରମ ଫଳ ଭୋଗେ ବିଶ୍ୱ ଜନ
ଧନ୍ୟ ସେହି କାରିଗର ।

ଦିବସ ରଜନୀ ଏକ କରିଦେଇ
ଗାଏ କର୍ମ ଜୟ ଗୀତି
ଖରା ବର୍ଷା ଶୀତ ନ ହୋଇ ସେ ଭୀତ
ଆତ୍ମ ମଗ୍ନେ କର୍ମ ପ୍ରୀତି ।

ହେଉ ସେ କୃଷକ ହେଉ ସେ ଶ୍ରମିକ
ସରକାରୀ କର୍ମଚାରୀ
ନିଜର ପ୍ରଚେଷ୍ଟା କର୍ମନିଷ୍ଠାରେ
ରଖେ ତା'ର ବାହାଦୁରି ।

କେତେ ଝଡ଼ ଝଞ୍ଜା ଦୁଃଖ କଷଣକୁ
କରେନା କେବେ ଖାତିରି
ଦେଶ ନିର୍ମଣାରେ ଆନନ୍ଦ ମନରେ
କର୍ମ କରେ ବୀର ପରି ।

କର୍ମ କରିବାର ଶ୍ରେଷ୍ଠ ପୁରସ୍କାର
ଅନ୍ୟ କାମ ହାତେ ନେବା
ଛୋଟ ବଡ଼ ଯାହା ହେଉ ପଛେ କର୍ମ
କରଇ ଅନ୍ୟର ସେବା ।

ଶ୍ରମେ ସଫଳତା ଲୁଚି ରହିଥାଏ
ସେହି ଏକା ଜାଣିଥାଏ
ସେଥିପାଇଁ ସେହି ଦୁଃଖ କଷ୍ଟ ସହି
କର୍ମ ତା'ର କରୁଥାଏ ।

ଯେଉଁ ବର୍ଗର ଶ୍ରମିକ ହେଉନା
ସମସ୍ତେ ହିଁ କାରିଗର
କର୍ମେ ପରିଚୟ କରିଥାଏ ସୃଷ୍ଟି
ବଞ୍ଚିବାର ଅଧିକାର ।

+ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

## ଇଦଂ ସ୍ୱାହା !
### ସୁଶାନ୍ତ କୁମାର ଶତପଥୀ

ନିହାତି ମଫ ବୋଲି' ସାମୟିକ ଥିଲା ତା'ର ସଂପର୍କ
ଘୋ ଘୋ ରେ ବିତିଗଲା ଧୂଳିଘର ଧୂମ୍ରାଭ ଆୟୁଷ
ପରାସ୍ତ ସ୍ୱଗତୋକ୍ତିର ଶବ୍ଦ ଓ ଭାବବିନ୍ୟାସ ସେ
ପ୍ରେମର ପରିଭାଷା ବୋଲି ପୁରେଇ ପାରିଲା ନି ସମଗ୍ର ସମ୍ମୋହନ।

ପାହାଡ଼ ଉହାଡରୁ ଲାଜେଇ ଉଠେ ନୂଆଁ ବୋହୂ ପରି ସକାଳ ସୁରୂଜ
ନିର୍ଘାତିଆ ମୁହଁମାରେ ଘରେ ଘରେ
ଘାଣ୍ଟି ହୁଏ ଝାଲବୁହା ଦିନସାରା
ବିଛାଡି ଦିଏ ସବୁରି ଆଗେ ଆପଣାପଣର ପଣତ
ଛପର ସନ୍ଧିରୁ ଛବିପରି ଦିଶେ
ଗାଁଉଲି ଠାଣିମାଣି ଅବା ଗୁମାନ ରେ ଉଭା ସିଏ
ଚନ୍ଦ୍ରମାକୁ ଟେକିଦିଏ ରାତି ପାଇଁ କ୍ଳାନ୍ତ ଦିନର ସୁକୁମାର ସ୍ୱପ୍ନ
କାହାପରି ନୁହେଁ ଆଉ ଗାଁ ସକାଳ, ସୁରୂଜ ଓ ସଞ୍ଜ।

ଗାଁ ବୋଇଲେ ନିଚ୍ଛକ ଗାଁ ପରି
ଛଳଛଳ ପାଉଁଜି ଫୁଟଣର ପାହାଡି ଝରଣା ଅବିକଳ
ଅଙ୍ଗେନିଭା କଥା କେମିତି ଅବା ପରତେ ଯିବୁନି
ସିଏ ପରା ଟାଣଖରାକୁ ମୁଁ ତରଳି ଯାଉଥିବା ବରଫଖଣ୍ଡ
ମିଳେଇଯାଉଛି ସର୍ବସ୍ୱ ସମାଦର।

କେମିତି ବୁଝିଥାନ୍ତା କହିଲୁ ସିଏ ଧାନଉଜା ସନାମାଆ କଥା
ଗାଁ'ସଞ୍ଜ,'ସକାଳ ଅବା ଗାଉଁଲି ହାବଭାବ
ଗୋରୁ ଗୁହାଳ, ମେଣ୍ଢାଶାଳ, କ୍ଷେତ, ପୋଖରୀ
ଦିଅଁ ଦେବତା, ବବା-ବଡି, କକା-ଖୁଡିର ଗାଁ'ଜୀବନ
ଆପେ ତୁ ଓହରି ଯା ଉହାଡରୁ
ଉଜେଇ ଦେ ଉହାଟି ନିଜକୁ ନିରନ୍ତର।

ଗାଁ'ମୁଣ୍ଡ ବରଗଛ, ଭେଲା ଭେଲା ଚଢ଼େଇ ଗୁଡାର କେଟ୍ କାବର
ଶାଖା ଦେହେ କୋଟରରେ ବିଷଧର ସାପର ଗର୍ଜନ
କ୍ଳାନ୍ତ ବାଟୋଇ ଘୁମେଇ ଥକାମାରେ
ତଳ, ଉପର ସହାବସ୍ଥାନର ପ୍ରଶସ୍ତ ଜୀବନ ଛବିର ଉପରେ ଜାତୀୟ ସଂହତି
କୋମଳ ସରାଗର ଉଭା ଏଠି ମାଆପଣର ଢଡୋ ବରଗଛ ।

ସକାଳେ ହେଲେ କାଉ ରାବେ
ବୁଢୀ ବ୍ରାହ୍ମଣୀର ପ୍ରଭାତି ଗଧା ସରି ସାରିଥାଏ ଉଜୁରକୁ
ଲମ୍ବ ଓଢଣେଇ ନୂଆଁ ଭୁଆସୁଣୀଏ ଫେରି ଆସିଥାନ୍ତି କୁଅ ସଲଖି
ଦାନ୍ତକାଠି, ଗୁଡାଖୁ ଧରି ଚଷାପୁଅ କ୍ଷେତମୁହାଁ,
ନାଳ, ଘାଇ ନିରେଖି ସଅଳ ଫେରିବ ଫେରିଥରେ।

ଆଉ ତୋ ଘର ବୋଲି ନଡ଼ା, ବରଡା ଛାମୁଣ୍ଡିଆ
ଲାଉଡଙ୍କ ଶୃଙ୍ଖଳା ଡିରରେ ଛନ୍ଦି ହୋଇଛି ସଂସାର
କୋଉଠୁ ଆଣିଥାନ୍ତୁ ପିଜା, ବରଗରର ଆଟୋପ
ବାସି ତୋରଣି ମୁନ୍ଦେର ଉଦର ଜ୍ୱାଳା ସିଏ ବୁଝିପାରେନାରେ।

ତାର ପ୍ରେମ ଅଣଚାଶ ବାୟୁର ମରୁଭୂମି ମୁହାଁ ଝଡ
ଆସିଲା,ଗଲା ।ଇଦଂ ସ୍ୱାହା
ସୁଲୁସୁଲୁ ବାଆ ସିନା ବହେ ପ୍ରେମର
ଉଦଣ୍ଡ ତାଣ୍ଡବରେ ଛିନ୍ନ ଛତ୍ର ଆପେ ଚେର, ଚୌହଦୀ।
ସକାଳୁ କଅଁଳ ଗାଁ ମୁହଁ
ଗାଁ ବୋଇଲେ ଠିକ୍ ଗାଁ ପରି।

+ଲହଣ୍ଡା, ବରଗଡ଼
ମୋ: ୬୩୭୧୪୨୪୫୦୧

## ସକାଳ
### ପ୍ରେମାନନ୍ଦ ପାଣିଗ୍ରାହୀ



ସେ ଆସିବ ବୋଲି
ଆକାଶରେ ଫାଟି ପଡୁଛି ସିନ୍ଦୁରା
ସୂରୁଜ ବିଛାଇ ଦେଉଛି ସୁବର୍ଣ୍ଣ କଣିକା
ପବନରେ ଭରି ଯାଉଛି ଆଦ୍ରତା
ଗୁଳ୍ମରାଜିରେ ଛାଇ ଯାଉଛି କାକର ବିନ୍ଦୁ।
ସୂର୍ଯ୍ୟମୁଖୀ ଓଠରେ ଖେଳିଯାଉଛି ହସ
ପଦ୍ମ ପତ୍ରରେ ଝଲସୁଛି ହୀରା
କାଉ, କୋଇଲି,କୁମ୍ଭାଟୁଆଙ୍କ ରାବରେ
ଭାଙ୍ଗିଯାଏ ସପନ।
ସେ କାହା ପାଇଁ ସୁନେଲି ସ୍ୱପ୍ନ ତ
ପୁଣି କାହା ପାଇଁ ସମ୍ଭାବନାର ମୂହୁର୍ତ୍ତ
କାହା ପାଇଁ ବିଷାଦର ଛାୟା
ପୁଣି କାହା ପାଇଁ ଆନନ୍ଦର ଉଚ୍ଛ୍ୱାସ।
ସେ ଆସୁଆସୁ ଦ୍ୱାର ଖୋଲେ
ଜନ ଆଳୟରୁ ଦେବାଳୟ
ମନ୍ଦିରରେ ଭକ୍ତିମୟ ପରିବେଶ
ଚା କଫି ଷ୍ଟଲରେ ଭିଡ଼
ନିର୍ବାଚନ ରୁ ମହାକାଶ ଯାନ ଯାଏ
ଖବରର ଗଣ୍ଠି ଖୋଲେ ଏଠି,
ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ମୁହାଁ ହେଉଥାନ୍ତି
ଶ୍ରମିକରୁ ଅମଲା ଯାଏ ।

+ ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

## ଜହ୍ନଠୁ ସୁନ୍ଦର୍ ତୁମେ
### ପ୍ରଶାନ୍ତ କୁମାର ଦାଶ

ତୁମ କପାଳର ସଜଳ ସିନ୍ଦୂର
ମୋ ଛାତିରେ ଦେଲା କୋହ
ତଥାପି ଭୁଲିନି ପ୍ରିୟତମା ତୁମ
ମତୁଆଲା ପ୍ରୀତି ମୋହ ।।

ଉଦାସ ଆଖିରୁ ନିଗିଡି ପଡଇ
କେତେ ଅମାନିଆ ଲୁହ
ସେଇ ସ୍ମୃତି କିନ୍ତୁ ଲିଭେନାହିଁ ମନୁ
ଛୁଟେ ହେଇ ନଈ ସୁଅ ।।

ସୋରି ସୋରି ମେଘ ଘୋଟିଲେ
ଆକାଶେ
ମନେପଡେ ତୁମ କଥା
ଅଧୀର କରଇ କରୁଣ ନିନାଦ
ମରମେ ଦାରୁଣ ବ୍ୟଥା ।।

ଦିଶିଯାଏ ତୁମ ଫୁଲ ସଜା ଗଭା
ଚହଟି ଉଠଇ ବାସ
ମନେପଡେ ସେଇ ନିବିଡ ନିଶିର
ନିଶବ୍ଦ ମିଳନ ରାସ ।।

ସ୍ମୃତିର ସକାଳ କେତେ ଖରାବେଳ
ଆସି ପୁଣି ଯାଏ ଫେରି
ତମେ ପାଖେ ଥିଲ ଯାଇଚତ ଚାଲି
ମତେ ସାତପର କରି ।।

ତୁମ ପାଉଁଜିର ରୁଣୁଝୁଣୁ ସୁର
ଶୁଭୁଚି ଆସିଲେ ରାତି
ଆନର ସିନ୍ଦୂର କପାଳରେ ନାଇ
ତମେ ଗଲାଦିନୁ ସାଥୀ ।।

ଗୋଲାପ ପରିକା ତମ ଓଠ ସଖୀ
ଛୁଇଁଛି ମୁଁ କେତେ ଥର
ଆଜିତ ଲାଗୁଚି ଜହ୍ନ ପରି ତୁମ
ମୁହଁଟି ଦିଶେ ସୁନ୍ଦର ।।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦

## ସେ ସହରରେ...
### ସ୍ୱାଗତ ମିଶ୍ର



ଏବେ ଏବେ ଛିଡ଼େଇ ଦେଇ ଆସିଲି
ସେ ସହର ସହ ଥିବା ସବୁ ସମ୍ପର୍କକୁ
ଯେଉଁଠି ଦିନେ ପ୍ରତିଷ୍ଠା ହୋଇଥିଲା
ଆମ ସଂପର୍କର ସେତୁ ବନ୍ଧ,
ଆଗାମୀ ଦିନରେ ଏକାଠି ହୋଇ
ହୁଏତ ପାଦ ପଡ଼ି ନପାରେ, କାରଣ
ପଛକୁ ଫେରିବାର ରାସ୍ତା ସବୁ ଆମ ପାଇଁ
କେବେଠାରୁ ହୋଇସାରିଛି ବନ୍ଦ ।
ସେ ସହରରେ ମୁଁ ଥିଲି
ଦିନେ ତା' ପାଇଁ ଅଚିହ୍ନା ଅପରିଚିତ,
ସମ୍ପର୍କ ଘନିଷ୍ଠ ହେବା ପରେ
କେତେ ଅଜଣା ଗଳିରେ ବୁଲିଛି
ଧରି ତା ହାତ ।
ସେ ସହରଠୁ ସବୁ ମୋହ ତୁଟିଗଲା ପରେ
ତା' ପ୍ରତି ମୋହ ବେଶୀ ବଢ଼ି ଯାଇଥିଲା,
ତାକୁ ପାଇବାର ଆଶା ଠାରୁ
ହରେଇବା ଆଶଙ୍କାରେ
ମୋତେ କଷ୍ଟ ହେଉଥିଲା ।
ସେଇ ସହରରେ ବୈଶାଖର ଦ୍ୱିପ୍ରହରରେ
ଆମର ଶେଷ ଦେଖା ହେବାର ଥିଲା,
ବୈଶାଖର ଝାଞ୍ଜି ପବନରେ
ଦେହ ଜଳିବା ଆଗରୁ
ତା'ର କେଇ ପଦିଏ କଥାରେ
ମୋ ମନ ଜଳିଗଲା ।
ପରିଶେଷରେ ଆମେ ଭାଗ କରିନେଲୁ
ଆମ ପାଖେ ଥିବା ପ୍ରେମର ଭଗ୍ନାଂଶକୁ,
ଉପହାରରେ ତାକୁ ଦେଇଦେଲି ତା' ଭାଗଫଳ
ଆଉ ମୁଁ ଆଣିଲି ବଳକା ଥିବା ଭାଗଶେଷକୁ ।

+ନୟାଗଡ଼

## ତୁମେ କିଏ ?
### ସ୍ୱାଗତିକା ତରାଇ



ତୁମେ କିଏ ?
ମୋ ଅନ୍ଧାର ଦିନରେ ଉଦୟମାନ ସୂର୍ଯ୍ୟ ନା,
ମୋ ଭଙ୍ଗୁର ମନର ଅବିଚଳ ଆଶ୍ରୟ ?
ତୁମେ କିଏ ?
ମୋ ସ୍ୱପ୍ନର ସାହସୀ ନାୟକ ନା,
ହୃଦୟର ଅଜଣା ଆକାଙ୍କ୍ଷାର ସ୍ପନ୍ଦନ ?
ତୁମ ଚାହାଣୀ—
ବଜ୍ରପାତର ଦ୍ରୁତ ଆଲୋକ ଭଳି ଗଭୀର,
ଯାହା ମୋ ଆତ୍ମାକୁ ନିରବ
ଭାବେ କରେ କମ୍ପିତ।
ତୁମ ହସ—
ପ୍ରଭାତୀ ରବିର ସୁନେଲି କିରଣ,
ମୋ ମନରେ ଲେଖେ କାହାଣୀ ନୂଆ ଆଶାର।
ତୁମ ସ୍ପର୍ଶ—
ଝରଣାର ଶୀତଳ ସ୍ପନ୍ଦନ ଭଳି,
ମୋ ହୃଦୟରେ ଜଗାଏ ଅମର ପ୍ରେମର ଗୀତି।
ତୁମେ କିଏ ?
ଯୁଦ୍ଧରେ ଅଦମ୍ୟ ବୀର ନା,
ମୋ ଜୀବନର ଶାନ୍ତ ନିରାପଦ ତୀର ?
ଜାଣିନି...
କିନ୍ତୁ ଏତିକି ଜାଣେ—
ତୁମ ନାମ ଉଚ୍ଚାରିଲେ,
ମୋ ଶବ୍ଦ ହୁଏ କବିତା,
ମୋ ନିରବତା ହୁଏ ଭଲପାଇବା।
ତୁମେ କିଏ ?
ହୁଏ ତ ତୁମେ ମୋ ଅଧୂରା ସ୍ୱପ୍ନର ସମ୍ପୂର୍ଣ୍ଣତା,
ମୋ ଜୀବନର ଶେଷ ଅଭିଳାଷ।

+ଜେଲରୋଡ଼, ବାଲେଶ୍ୱର

## ଭାବନା
### ଅରୁଣ କୁମାର ଦାସ



ଦିବା ସ୍ୱପ୍ନ ହୋଇ ପାରେ
କିନ୍ତୁ ହୃଦୟ ତନ୍ତ୍ରୀକୁ ଦୋହଲାଇ ଦେଇଥିଲା
ଏକ ମୁଣିରେ କିଛି ପଣ୍ୟ ସାମଗ୍ରୀ ଧରି
ବିକ୍ରୟ ପାଇଁ ଯାଉଥିବା ଦୃଶ୍ୟ
ଏକ ଦୁହିତା ଓ ଜଣେ ବୃଦ୍ଧ
ଅଭାବୀ ଅନଟନ ଯୋଗୁଁ
ଏହି ଭଳି ଅବସ୍ଥା ।
ନିଜକୁ ପ୍ରଶ୍ନ କଲି
ମୋର ଦ୍ୱାରା ସମାଧାନ ଅସମ୍ଭବ
ମୁଁ ନିଜେ ଅସହାୟ, ସ୍ଥବିର
ପରଭେଜୀ କ'ଣ
ଉତ୍ପାଦକ ହୋଇ ପାରିବ ।
କେବଳ ପରମ ପିତା ସବୁ
ସମସ୍ୟାର ସମାଧାନ ପାରିବେ
ନ୍ୟାୟରେ ହାତ ଟେକିବା
ଛଡା ମୁଁ ନାଚାର
ପ୍ରଥମ ପୁରୁଷ ।

+ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର

## ଜଳୁଛି ଜୀବନ ! ଜଳୁଛି ଜଗତ !
### ପ୍ରଦୋଷ କୁମାର ଦାସ



ଜଳୁଛି ଜୀବନ, ଜଳୁଛି ଜଗତ।
ଯୁଦ୍ଧ ଥମିବାର ନାହିଁ,
କାହିଁ କେଉଁଠି ସଂକେତ।
ଦିନୁଦିନ ପରିସ୍ଥିତି ହୁଏ ଅଣାୟତ୍ତ।
ହାୟ କେତେ ଦାରୁଣ ନିର୍ବିକାର, ସତେ
ଯୁଦ୍ଧ ଖୋର ଚିତ୍ତ !!
ମାଟିପାଣି ପବନ ହୁଏ ନିତି ବିସ୍ଫୋରିତ।
ନିଆଁ ଓ ଧୂଆଁରେ
ଜୀବନର ଦୀପ ହୁଏ ନିର୍ବାପିତ।
ଯୁଦ୍ଧର ଲେଲିହାନ ଶିଖା
ଚଉଦିଆ ହୁଏ ପ୍ରସାରିତ।
କ୍ଷେପଣାସ୍ତ୍ର ଲଢେଇରେ ମାଟିର ଭୁଗୋଳ
ନିତି ହୁଏ ଭୂଲୁଣ୍ଠିତ।
ଯୁଦ୍ଧ ପ୍ରଭାବିତ ନିରୀହ ମଣିଷଟି
ଆଜି ବାସ୍ତୁହରା ବୁଭୁକ୍ଷିତ।
ହରାଇ ପରିବାରପରିଜନ
ବଞ୍ଚିବାର ରାହା ଖୋଜି ଆହତ ।
ଜଳୁଛି ଜୀବନ, ଜଳୁଛି ଜଗତ।
ଯୁଦ୍ଧ ଥମିବାର ନାହିଁ
କାହିଁ କେଉଁଠି ସଂକେତ।
ହିଂସା ଅଶାନ୍ତି ବଳୟରେ ରୁଦ୍ଧ
ସାରା ମାନବ ଜଗତ।
ଯୁଦ୍ଧର ଯମ ଯନ୍ତ୍ରଣାରେ
ମାନବତା ଆଜି ଭାରି ମର୍ମାହତ।
ଦେଶ ଦେଶ ଯୁଦ୍ଧ ବିରୋଧରେ
ହୁଅ ସଭିଏଁ ସତତ ଜାଗ୍ରତ।
ଆଉ ନଆସୁ ଅଯଥା ଶୋଣିତ।
ଆସ ଉଡ଼ାଇବା ଆମେ ଶାନ୍ତିର କପୋତ।
ନୀଡହରା ପକ୍ଷୀ ଫେରିଆସୁ
ପାଇଁ ତା'ର ବାସ।
ଶାନ୍ତି ପ୍ରଗତିରେ
ମାନବତାର ହେଉ ନବ ଉନ୍ମେଷ।
ଯୁଦ୍ଧ ନୁହେଁ କେବେ ସମାଧାନ ପଥ।
ପୃଥିବୀ ସୁରକ୍ଷା ସଭିଙ୍କ ଜୀବନ
ରକ୍ଷା ପାଇଁ କର ଶପଥ।
ଆଉ ନାଳୁଆ ଜୀବନ ନ ଜଳୁ ଜଗତ।
ଆପୋଷ ବୁଝାମଣା ହେଉ,
ଯୁଦ୍ଧ ବନ୍ଦ ପାଇଁ ଆସୁ ସଂକେତ।
ଥମିଯାଉ ଯୁଦ୍ଧ,
ଥମିଯାଉ ହିଂସାର ପ୍ରଳୟ,
ମାନବତାର ହେଉ ଜୟ।

ନାଚୁଣୀ,ଖୋର୍ଦ୍ଧା, ପିନ୍ :-୭୫୨୦୩୪
ମୋ: ୬୩୭୦୪୯୫୯୪୪

## ମା'ର ମମତା
### ସରସ୍ୱତୀ ମେହେର

ଜବଲପୁରର ଭୟାନକ ଘଟଣା
ହୃଦୟକୁ ଦିଏ ଚିରି
ଧନ୍ୟ ଧନ୍ୟ ମମତାମୟୀ ମାଆ ତୁମେ
ଛାତିରେ ରଖିଲ ଧରି ।
ପାଣିର ବେଗ ଯେତେ ହେଲା ନ କରି ଭୟ
ଜାବୁଡ଼ି ଧରିଲା ପୁଅ ତ୍ରିସାନ୍ତକୁ
ଏମିତି ବହୁ ବନ୍ଧନରେ ବାନ୍ଧି ରଖିଲା
ମୃତ୍ୟୁ ଖୋଲି ପାରିଲାନି ବନ୍ଧନକୁ ।
ମାଆର ମମତା ଆଜି ସମସ୍ତେ ଦେଖିଲେ
ଯୁଗେ ଯୁଗେ ମାଆ ପୂଜ୍ୟା ନମସ୍ୟା
ସେଥି ପାଇଁ କହନ୍ତି ଭଗବାନ ସବୁଠି
ନାହାଁନ୍ତି, ତେଣୁ ମା ଅଛି ଅବଶ୍ୟ ।
ମାଆର ମମତାର ମୂଲ ସୁଝି
ଅବା ପାରିବ କିଏ କୁହ
ଛୁଆର ଟିକିଏ ଦରଦରେ ଝରେ
ନୀରବରେ ଆଖିରୁ ଲୁହ ।

+ଯୋଗିବାହାଲ, ସିନାପାଲି,
ନୂଆପଡ଼ା

# ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବେ ଅଙ୍କିତ ସାହୁ ନିଯୁକ୍ତ: ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ

ବଲାଙ୍ଗିର, ୦୪/୦୫ (ନି.ପ୍ର): ଓଡିଶା ଯୁବ ରାଜନୀତିରେ ଏକ ପରିଚିତ ମୁହଁ ଅଙ୍କିତ ସାହୁଙ୍କୁ ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସର ସଭାପତି ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ନିଯୁକ୍ତିକୁ ଜିଲ୍ଲାର ଯୁବ ନେତା, କର୍ମୀ ଓ ସମର୍ଥକମାନେ ସ୍ୱାଗତ କରିଛନ୍ତି । ଅଙ୍କିତ ସାହୁ ବର୍ତ୍ତମାନ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ଯୁବ ରାଜନୀତି, ସଂଗଠନୀୟ ନେତୃତ୍ୱ ଓ ସାର୍ବଜନିକ ଯୋଗାଯୋଗ କ୍ଷେତ୍ରରେ ତାଙ୍କ ସକ୍ରିୟ ଭୂମିକା ପାଇଁ ପରିଚିତ । ଦିର୍ଘ ଦିନ ଧରି ସେ ଯୁବ ସମସ୍ୟା ଉପରେ ସ୍ୱର ଉଠାଇବା ସହ ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ କରିବାରେ ନିରନ୍ତର କାମ କରୁଛନ୍ତି । ଏହା ପୂର୍ବରୁ ସେ ଏସ୍‌ଏସ୍‌ୟୁଆଇର ଜିଲ୍ଲା ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ ଏବଂ ଛାତ୍ର ସଂଗଠନକୁ ଶକ୍ତିଶାଳୀ କରିବାରେ ଉଲ୍ଲେଖନୀୟ ଭୂମିକା ନିଭାଇଥିଲେ । ପରେ ସେ ଭାରତୀୟ ଯୁବ କଂଗ୍ରେସ ର ଜିଲ୍ଲା ଉପାଧ୍ୟକ୍ଷ ଭାବେ ମଧ ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ସେ ଭାରତୀୟ ଯୁବ କଂଗ୍ରେସର ଜାତୀୟ ମିଡିଆ ପ୍ୟାନେଲିଷ୍ଟ ଭାବେ ମଧ କାର୍ଯ୍ୟ କରି ସଂଗଠନର ପକ୍ଷରୁ ବିଭିନ୍ନ ମାଧମରେ ନିଜ ମତ ପ୍ରକାଶ କରିଛନ୍ତି । ଦଳୀୟ କର୍ମୀମାନେ ଆଶା ପ୍ରକାଶ କରିଛନ୍ତି ଯେ, ଶ୍ରୀ ସାହୁଙ୍କ ନେତୃତ୍ୱରେ ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସ ଆହୁରି ସଶକ୍ତ ହେବ ଏବଂ ଯୁବମାନଙ୍କ ସହଭାଗୀତା ବଢିବ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ସମର୍ଥକ ଓ ଶୁଭେଚ୍ଛୁମାନେ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ତାଙ୍କ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ରାଜନୀତିକ ମହଲରେ ମଧ ଏହାକୁ ଯୁବ ନେତୃତ୍ୱ ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଯାଇଛି ।

ଏହି ଅବସରରେ ଅଙ୍କିତ ସାହୁ ଦଳର ଶିର୍ଷ ନେତୃତ୍ୱ ଯଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧକ୍ଷ ମଲ୍ଲୀକାର୍ଜୁନ ଖଡଗେ, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ ମନୀଷ ଶର୍ମା, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ଉଦୟ ଭାନୁ ଚିବ, ବଲାଙ୍ଗିର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର, ଯୁବ କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ତଥା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିୟାନ ରାଜୁ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଥିବା ସହ ବଲାଙ୍ଗିର ଜିଲ୍ଲାର ଯୁବମାନଙ୍କ ସ୍ୱାର୍ଥ ଓ ସଂଗଠନର ସୁଦୃଢତା ପାଇଁ ନିରନ୍ତର କାର୍ଯ୍ୟ କରିବେ କରିବେ ବୋଲି କହିଛନ୍ତି ।

# ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ୭୯ ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର , ୦୪/୦୫ (ନି.ପ୍ର): ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୭୯ ତମ ପ୍ରତିଷ୍ଠା ଦିବସ ଆଜି ରାଜ୍ୟ ଶାଖା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଡ. ରାମଚନ୍ଦ୍ର ଖୁଂଟିଆ ସଭାପତିଙ୍କ ନେତୃତ୍ୱରେ ପାଳନ କରାଯାଇଛି । ଡ. ଖୁଂଟିଆ ପତାକା ଉତୋଳନ କଲାପରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମକର୍ତାଙ୍କୁ ନେଇ ଏକ ଆଲୋଚନା ଚକ୍ର ମଧ କରାଯାଇଥିଲା । ଉକ୍ତ ଆଲୋଚନାଚକ୍ରରେ ଡ. ଖୁଂଟିଆ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରତିଷ୍ଠା ସମ୍ୱନ୍ଧରେ ଉଦ୍‌ବୋଧନ ଦେବା ପରିପ୍ରେକ୍ଷିରେ କହିଥିଲେ ଯେ, ୧୯୪୭ ମସିହା ମେ ମାସ ତାରି ଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ କ୍ଲବରେ ଗଠନ ହୋଇଥିଲା । ଜାତୀୟପିତା ମହାତ୍ମାଗାନ୍ଧୀଙ୍କ ପ୍ରେରଣା ଓ ଆଦର୍ଶରେ ତଥା ଦେଶର ବରିଷ୍ଠ ନେତା ପଣ୍ଡିତ ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଗୁଲ୍‌ଜାରୀଲାଲ ନନ୍ଦା, ସୁରେଶ ବାନାର୍ଜୀ ଓ ଓଡ଼ିଶାର ତତ୍କାଳୀନ ପ୍ରତିଷ୍ଠିତ ନେତା ଡ. ହରେକୃଷ୍ଣ ମହତାବଙ୍କ ସମେତ ବାବୁ ଜଗଜୀବନରାମ, ଡଃ ଅରୁଣା ଆସଫାଲ୍ଲି, ରାମମନୋହର ଲୋହିଆ, ବି.ଡି. ଆମ୍ବେଦକର, ଗୋପାଲନାମାନୁଜମ୍ ପ୍ରଭୁତିଙ୍କୁ ଉକ୍ତ ଆଲୋଚନାରେ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ କଂଗ୍ରେସ ଦଳର ସଭାପତି ଏଆଇଟିୟୁସିର ସଭାପତିଭାବେ କାର୍ଯ୍ୟକରୁଥିଲେ । ୧୯୪୨ ରୁ ୧୯୪୫ ମସିହା ମଧ୍ୟରେ ମହାତ୍ମାଗାନ୍ଧୀଙ୍କୁ କର ବା ମର ଭାରତଛାଡ ଆନ୍ଦୋଳନରେ ଉପରୋକ୍ତ ନେତାମାନେ ଜେଲବରଣ କଲାପରେ ଏଆଇଟିୟୁସି ସଂପୂର୍ଣ୍ଣ ଭାବେ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ରହିଲା । ତେଣୁ ୧୯୪୭ ମସିହା ମେ'୩ତାରିଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନୂତନ ରୂପ ରେଖ ନେଇ ପ୍ରତିଷ୍ଠା ହୋଇଥିଲା । ଏହି ଦିବସକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସତ୍ୟ, ଅହିଂସା ଓ ଶାନ୍ତିପୂର୍ଣ୍ଣ ସଂଗଠନକୁ ବିଶ୍ୱାସ କରେ ଏବଂ କାର୍ଯବନ୍ଧ ଆନ୍ଦୋଳନକୁ ଶେଷ ଅସ୍ତ୍ର ବୋଲି ଗ୍ରହଣ କରେ । ସମଗ୍ର ଭାରତ ବର୍ଷରେ ଆଇଏନ୍‌ଟ୍ୟୁସିର ବଳିଷ୍ଠ ନେତୃତ୍ୱରେ ଆଜି ଆଇଏନ୍‌ଟ୍ୟୁସି ଟ୍ରେଡ ୟୁନିଅନ ମାନଙ୍କ ମଧ୍ୟରେ ସର୍ବାଗ୍ରେ ସ୍ଥାନ ଗ୍ରହଣ କରିଛି । ଏଠାରେ ସ୍ମରଣ କରାଇଦିଆଯାଇପାରେ ଯେ, କଂଗ୍ରେସ ସରକାରଙ୍କ ନେତୃତ୍ୱରେ ଦେଶରେ ପାଖାପାଖି ୨୭୦ଟି ରାଷ୍ଟ୍ରାୟତ ଉଦ୍ୟୋଗ ଗଠନ କରାଯାଇଥିଲା ଏବଂ ରାଷ୍ଟ୍ରାୟତ ଉଦ୍ୟୋଗର କର୍ମଚାରୀମାନଙ୍କୁ ସର୍ବଶ୍ରେଷ୍ଠ ସମ୍ମାନର ସହ ବଞ୍ଚିବାର ଅଧିକାର ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁ ୧୯୪୮ ମସିହାରେ ରାଷ୍ଟ୍ରାୟତ ଉଦ୍ୟୋଗ ନିର୍ମାଣ କରିବା ସହିତ ରାଜ୍ୟ କର୍ମଚାରୀ ବୀମା ଯୋଜନା ମଧ ପ୍ରତିଷ୍ଠା କରିଥିଲେ । ୧୯୫୨ ମସିହାରେ ଭବିଷ୍ୟନିଧି ଅନୁଷ୍ଠାନ ମଧ ପ୍ରତିଷ୍ଠା ହୋଇଥିଲା । ଆଜି ଏହି ଦୁଇଟି ଅନୁଷ୍ଠାନ ଆମ ଦେଶର ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା କର୍ମଚାରୀ ତଥା ଶ୍ରମିକମାନଙ୍କୁ ପ୍ରଦାନ କରିଆସୁଛି । ଖଟିଖିଆ ଦିନମଜୁରିଆ ମାନଙ୍କ ପାଇଁ ୧୯୯୬ ମସିହାରେ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ନରସିଂହରାଓଙ୍କ ସ୍ୱୀକୃତି କ୍ରମେ ଦେଶରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପ୍ରତିଷ୍ଠା ମଧ କରାଯାଇଥିଲା । ଆଜି ଏହାର ପୁଞ୍ଜିମାଧମରେ ଲକ୍ଷ ଲକ୍ଷ ନିର୍ମାଣ ଶ୍ରମିକ, ସାମାଜିକ ସୁରକ୍ଷା ପ୍ରାପ୍ତ କରୁଥିବା ସହିତ ବିଭିନ୍ନ ମୃତ୍ୟୁକାଳୀନ ଅର୍ଥଧନ ମଧ ପ୍ରାପ୍ତ କରୁଛନ୍ତି । ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସମଗ୍ର ଦେଶର ନେତୃତ୍ୱର ଅଗ୍ରରେ ରହି ସାମୁହିକ ଭାବେ ଖଟିଖିଆ ଦିନମଜୁରିଆଙ୍କ ପାଇଁ କାର୍ଯ୍ୟ କରୁଛନ୍ତି । ଉପସ୍ଥିତି ସଦସ୍ୟ ମାନଙ୍କୁ ଆଗାମୀ ଦିନରେ ଓଡ଼ିଶା ରାଷ୍ଟ୍ରୀୟ କଂଗ୍ରେସକୁ ଆହୁରି ସୁଦୃଢ଼ କରିବା ସହିତ ଏହାର ସଦସ୍ୟ ସଂଖ୍ୟାକୁ ୧ କୋଟିରେ ପହଂଚାଇବାକୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷିରେ ଗତ ମେ'୧ ତାରିଖ ଶ୍ରମିକ ଦିବସ ଦିନ ଓଡ଼ିଶା ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ-୨୦୨୬ରେ ସମ୍ମାନରେ ସମ୍ମାନୀତ ହୋଇଥିବା ରାଜ୍ୟ କାର୍ଯ୍ୟକାରୀ ସଭାପତି ମଦନ ମୋହନ ଧଳଙ୍କୁ ଡ. ଖୁଂଟିଆ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଶ୍ରୀ ଧଳ ମଧ ତାଙ୍କ ଅଭିଭାଷଣରେ ଆଜି ଏ ଯେଉଁ ସମ୍ମାନ ଯେଉଁ ପାଇଛନ୍ତି ତା'ର ମୁଖ୍ୟ ହିସା ସେ ଡ. ରାମଚନ୍ଦ୍ର ଖୁଂଟିଆଙ୍କୁ ଅର୍ପଣ କରିବା ସହିତ ସମସ୍ତ ଓଡ଼ିଶାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଦସ୍ୟମାନଙ୍କୁ ମଧ ଅର୍ପଣ କରିଥିଲେ । ତାଙ୍କ ଅନୁଭୂତିରୁ କେଇ ପଦ କହିବାକୁ ଯାଇ ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ଭବିଷ୍ୟନିଧିର ଉଚ୍ଚତର ପେନସନ ହିତାଧିକାରୀମାନଙ୍କ ପାଇଁ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ଲଢ଼େଇ କରି ସକ୍ଷମ ହେବା ସହିତ ଏହି ସୁବିଧାରୁ ବଂଚିତ ହିତାଧିକାରୀମାନଙ୍କୁ ଆଗାମୀ ଦିନରେ ସୁବିଧା ପ୍ରଦାନ କରିବା ପାଇଁ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କୁ ମିଶି ସାକ୍ଷାତ ଆଲୋଚନା କରିବା ସହିତ ପ୍ରସ୍ତାବ ଦେଇଥିଲେ ।

# ସିଲିକେନ ବିଶ୍ୱବିଦ୍ୟାଳୟର ଛାତ୍ର ମୃତ୍ୟୁ ଘଟଣାରେ ଥାନାରେ ଏତଲା ଦେଲା ଯୁବ କଂଗ୍ରେସ

ଭୁବନେଶ୍ୱର , ୦୪/୦୫ (ନି.ପ୍ର): ସିଲିକନ୍ ବିଶ୍ୱ ବିଦ୍ୟାଳୟର ପ୍ରଥମ ବାର୍ଷିକ ବି-ଟେକ୍ ଛାତ୍ର ବିଶ୍ୱାସ ସ୍ୱାଇଁକୁ ହତ୍ୟା କରାଯାଇଛି ବୋଲି ତା'ର ପିତା ଥାନାରେ ଏତେଲା ଦରଜ କରିଥିବା ସହ ଯୁବ କଂଗ୍ରେସ ପକ୍ଷରୁ ମଧ ଏତଲା ଦିଆଯାଇଅଛି । ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଇନ୍‌ଫୋସିଟ୍ ଥାନାର ଅଧିକାରଙ୍କୁ ଭେଟି ଏତଲା ପ୍ରଦାନ କରିଛନ୍ତି । ଉକ୍ତ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ପରିଚାଳକ ମୁଖ୍ୟଙ୍କୁ ତୁରନ୍ତ ଗିରଫ କରିବା ଦାବୀ କରିଛନ୍ତି । ଶ୍ରୀ ପାତ୍ର ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ ଛାତ୍ରର ପିତା ବସନ୍ତ ସ୍ୱାଇଁ ଯେଉଁଭଳି ଭାବରେ ମ୍ରିୟମାଣ ହୋଇ ନ୍ୟାୟ ଭିକ୍ଷା କରୁଛନ୍ତି ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ । କଲେଜ କର୍ତ୍ତୃପକ୍ଷ ଗୋପାଳ ସାହୁ ବାରମ୍ବାର ଗଣମାଧମରେ କହିଛନ୍ତି ଯେ ଘଟଣା ସଂପର୍କରେ ସବୁକଥା ପୁଲିସ ପ୍ରଶାସନ କହିବ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶାସନ ସହିତ ମିଳି ଭଗତରେ ଅଛନ୍ତି ଏବଂ ମଧ ଗଣମାଧମକୁ କହିଛନ୍ତି ଯେ ଭୁବନେଶ୍ୱର ଡିସିପି ଓ ଆଇଆଇସି ଇନ୍‌ଫୋସିଟି ଥାନା କାହିଁକି ପ୍ରଶ୍ନ କରାଯାଉନାହିଁ । ଯାହାକି ଆମେ ଗଣମାଧମରୁ ଖବର ପାଇଲୁ । ଉକ୍ତ ଘଟଣାକୁ ଏଡେଇ ଦେବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ଷଡ଼ଯନ୍ତ୍ର କରୁଛନ୍ତି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୋପାଳ ସାହୁ ସଂପୂର୍ଣ୍ଣ ପୁଲିସ ପ୍ରଶାସନକୁ ନିୟନ୍ତିତ କଲାଭଳି ଗଣମାଧମରେ ମନ୍ତବ୍ୟ ଦେଉଛନ୍ତି । ଏହା ଅତ୍ୟନ୍ତ ନିନ୍ଦନୀୟ । ମୃତ ଛାତ୍ରର ବାପା ଗଣମାଧମରେ ସ୍ପଷ୍ଟ କରି କହିଛନ୍ତି ଯେ ମୋ ପୁତ୍ର ଆତ୍ମହତ୍ୟା କରିନାହିଁ ତାଙ୍କୁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ନିର୍ଯ୍ୟାତନା ଦେଇ ହତ୍ୟା କରି ତାଙ୍କୁ ଆତ୍ମହତ୍ୟାର ରୂପ ଦେଇଛନ୍ତି । ହତ୍ୟା ଘଟଣାକୁ ଚପାଇ ଦେବା ପାଇଁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ବହୁ ଉଦ୍ୟମ କରୁଛନ୍ତି । ଯାହା ଆମକୁ ଅନୁମେୟ ହେଉଛି କେଉଁଠି ନା କେଉଁଠି ପ୍ରଶାସନ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଘଟଣାଟିକୁ ଚପାଇବା ପାଇଁ ଉଦ୍ୟମ କରୁଛନ୍ତି । ଆହୁରି ମଧ ଗଣମାଧମରୁ ଆମେ ଜାଣିବାକୁ ପାଇଲୁ ଯେ ତାଙ୍କ ବାପା ଯେଉଁ ଅଭିଯୋଗ କରୁଛନ୍ତି ତାଙ୍କ ପୁଅ ୩ ଦିନ ପୂର୍ବରୁ କିଛି ଖାଇ ନଥିବାବେଳେ ହଷ୍ଟେଲ କର୍ତ୍ତୃପକ୍ଷ ଏକଥା ତାଙ୍କ ପରିବାରବର୍ଗଙ୍କୁ କାହିଁକି ଜଣାଇଲେ ନଥିଲେ । ଏଥିପାଇଁ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ବିଶ୍ୱ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା କିଛି ନାହିଁ ବୋଲି ଏଥିରୁ ସ୍ପଷ୍ଟ ହୋଇପଡୁଛି । ର୍ୟାଗିଙ୍ଗଙ୍କୁ କଡାକଡି ଭାବରେ ଦୃଢ଼ ହସ୍ତରେ ଦମନ କରିବାକୁ କୋର୍ଟର ନିର୍ଦ୍ଦେଶ ଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରିନାହାନ୍ତି । ର୍ୟାଗିଂକୁ ନିୟନ୍ତଣ କରିବାରେ ସରକାର ବିଶ୍ୱବିଦ୍ୟାଳୟ ପ୍ରତି ଯେଉଁ ବାଧତାମୂଳକ ବ୍ୟବସ୍ଥା ପ୍ରଣୟନ କରିଛନ୍ତି ତାହାକୁ ଏହି ବିଶ୍ୱବିଦ୍ୟାଳୟ କଡାକଡି ପାଳନ କରିନି । ବିଶ୍ୱ ବିଦ୍ୟାଳୟର ଆଣ୍ଟି ର୍ୟାଗିଂ ସ୍କୋର୍ଡ ତା'ର କର୍ତ୍ତବ୍ୟ ସଂପୂର୍ଣ୍ଣ ଅବହେଳା କରିଛି ।

ଏହା ଆତ୍ମ ହତ୍ୟା ନୁହେଁ, ଏହା ହତ୍ୟା । ତେଣୁ ବିଶ୍ୱବିଦ୍ୟାଳୟ ଘଟଣାକୁ ଚପାଇ ଦେବା ପାଇଁ ଯେଉଁ ଉଦ୍ୟମ କରାଯାଉଛି ତାହାକୁ ଆମେ ସଫଳ କରିଦେବୁନାହିଁ । ସିଲିକନ୍ ୟୁନିଭରସିଟିର ମାଲିକ, ଆଣ୍ଟି ର୍ୟାଗିଂ ସ୍ୱାଡ ଏବଂ ହଷ୍ଟେଲ ଦୟିତ୍ୱରେ ଥିବା ଅଧିକାରୀ ଏବଂ ଗଣମାଧମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିବୃତ୍ତି ରଖିଥିବା ପ୍ରମୁଖଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ଯୁବ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି ସିଲିକନ୍ ବିଶ୍ୱ ବିଦ୍ୟାଳୟର ମାଲିକ ଏବଂ ମୁଖ୍ୟ ପରିଚାଳନା ଅଧକ୍ଷଙ୍କୁ ତୁରନ୍ତ ଗିରଫ କରାଯାଉ ନଚେତ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ । ଶ୍ରୀ ପାତ୍ର କହିଛନ୍ତି ଯେ ଯଦି ୩ ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତାହାଲେ ଆମେ ଉକ୍ତ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଧାରଣା ବସିବା ସହ ଆଇନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବୁ ।

ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ୍, ଛାତ୍ର ନେତା ସୁନିଲ ସାହୁ, ବିଶ୍ୱଜିତ ସ୍ୱାଇଁ, ବିରଞ୍ଚି ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା 'ପ୍ରଜ୍ଞା ପ୍ରେରଣା'ର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଲେ ରାଜ୍ୟପାଳ

ଭୁବନେଶ୍ୱର, ୦୪/୦୫ (ନି.ପ୍ର): ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ । ଏ ଦିଗରେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର ଯାହା ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଦୃଷ୍ଟିକୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି । ରବିବାର ଦିନ ଲୋକ ସେବା ଭବନ ସ୍ଥିତ ରାଜ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଏବଂ ଉଚ୍ଚଶିକ୍ଷା ସଂସ୍କାର' ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏନଇପି ୨୦୨୦ ଭାରତର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୂକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏକ ସ୍ପଷ୍ଟ ମାର୍ଗଦର୍ଶକ। ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ। ଏହି କର୍ମଶାଳାକୁ ଏକ ସମୟୋପଯୋଗୀ ଏବଂ ଦୂରଦର୍ଶୀ ଉଦ୍ୟମ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହା ଜାତୀୟ ପ୍ରଗତି ଏବଂ ମାନବିକ ବିକାଶର ଆଧାର ଭାବେ ଶିକ୍ଷାକୁ ସୁଦୃଢ଼ କରିବାରେ ସମଷ୍ଟିଗତ ପ୍ରତିବଦ୍ଧତାର ପ୍ରତିଫଳନ। ଭାରତ ଐତିହାସିକ ଭାବେ ସମଗ୍ର ବିଶ୍ୱରେ ଜ୍ଞାନ, ପ୍ରଜ୍ଞା ଏବଂ ବୌଦ୍ଧିକ ନେତୃତ୍ୱର କେନ୍ଦ୍ର ଥିଲା ଏବଂ ଗଣିତ, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସା ଓ ସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଅବଦାନ ରଖିଛି। କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତିବିଦ୍ୟା, ତଥ୍ୟ ବିଜ୍ଞାନ ଏବଂ ଡିଜିଟାଲ୍ ନବସୃଜନ ଦ୍ୱାରା ପରିଚାଳିତ ଦ୍ରୁତ ବିଶ୍ୱ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଜ୍ଞାନ ଅର୍ଥନୀତି ବର୍ତ୍ତମାନ ଆଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ଗ୍ରହଣୀୟତା ଏବଂ ଆନ୍ତଃବିଷୟିକ ଶିକ୍ଷାର ଆବଶ୍ୟକତା କରେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସହିତ ସମନ୍ୱିତ ଭାବରେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଅଭିଜ୍ଞତାମୂଳକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ବହୁବିଧ ଶିକ୍ଷା ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଂକେତ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିସ୍ତୃତ ଏବଂ ଭବିଷ୍ୟତମୁଖୀ ଶିକ୍ଷା ନୀତି ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ । ୨୦୨୪ ଅଗଷ୍ଟ ମାସରୁ ରାଜ୍ୟରେ ସକ୍ରିୟ ଭାବେ ଏନଇପି ୨୦୨୦ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ମଧ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏତତବ୍ୟତୀତ ରାଜ୍ୟପାଳ ଏହା ମଧ କହିଥିଲେ ଯେ ପାଠ୍ୟକ୍ରମ ପୁନର୍ଗଠନ, ଦକ୍ଷତା ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ମାଧମରେ ଓଡ଼ିଶା ଉଚ୍ଚଶିକ୍ଷାରେ ପ୍ରମୁଖ ସଂସ୍କାର ଆଣିଛି।

# ପରିତ୍ୟକ୍ତ କୂଅରୁ ମହିଳାଙ୍କ ମୃତ ଦେହ ଠାବ

ବଲାଙ୍ଗୀର, ୦୪/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ଗୋଇମୁଣ୍ଡ ପଂଚାୟତର ଚିତ୍ରାମୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର ଏକ ପରିତ୍ୟକ୍ତ କୂଅ ମଧ୍ୟରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ସ୍ଥାନୀୟ ଅଂଚଳର ରଞ୍ଜିତା ସାହୁ। ଏହି ଘଟଣାକୁ ନେଇ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ରଞ୍ଜିତା ଗତକାଲି ସକାଳେ ନିଜ କପା କିଆରିକୁ କାମ କରିବାକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଅନେକ ଖୋଜାଖୋଜି ପରେ ଶେଷରେ ଗାଁ ନିକଟସ୍ଥ ଏକ ପରିତ୍ୟକ୍ତ କୂଅ ମଧ୍ୟରେ ତାଙ୍କ ଶରୀର ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣା ସମୟରେ ରଞ୍ଜିତାଙ୍କ ସ୍ୱାମୀ ବାହାର ରାଜ୍ୟରେ ଥିବା ବେଳେ ଘରେ ତାଙ୍କର ତିନୋଟି ଛୋଟ ପିଲା ଅଛନ୍ତି।ମୃତଦେହ ମିଳିବା ପରେ ପରିବାର ଲୋକେ ଏହାକୁ ଏକ ଦୁର୍ଘଟଣା ନୁହେଁ ବରଂ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କୂଅରେ ଫିଙ୍ଗି ଦେଇଥିବା ପରିବାର ପକ୍ଷରୁ ଦାବି କରାଯାଇଛି ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଏବଂ ନ୍ୟାୟ ପ୍ରଦାନ ଦାବିରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଖବର ପାଇ ମୁରିବାହାଲ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବଲାଙ୍ଗୀରରୁ ସାଇଂଟିଫିକ୍ ଟିମ୍ ଏବଂ କଂଟାବାଞ୍ଜି ଏସଡିପିଓ ଘଟଣାସ୍ଥଳକୁ ଗସ୍ତ କରି ଅଧିକ ଯାଂଚ କରିବାର କାର୍ଯ୍ୟକ୍ରମ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

# ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର , ୦୪/୦୫ (ନି.ପ୍ର): ପୁରୀ କଣାସ ରେ ଯେଉଁ ଅମାନବୀୟ ଘଟଣା ଘଟିଛି ତାହାକୁ ସ୍ପଷ୍ଟ ପ୍ରମାଣ କରୁଛି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ରାଜ୍ୟର ଆଇନ ପରିସ୍ଥିତି । ୨୧ ମାସ ସରକାରରେ ଅରାଜକତାର କଳା ଅଧ୍ୟାୟ ସୃଷ୍ଟି ହୋଇଛି। ପୁରୀରେ ବାଲି ମାଫିଆଙ୍କ ବେପାର କାହା ଛତ୍ର ଛାୟା ତଳେ ଚାଲିଛି ଓ କାହା ପକେଟ୍ କୁ ଯାଉଛି ପିସି କାରବାର ପ୍ରଶ୍ନ କରିଛନ୍ତି। ସୁନାର ଓଡ଼ିଶା ଚୁନା କରିଛ ଓଡ଼ିଶାରେ ସୋନାର୍ ବାଙ୍ଗଲା ଗାଥା ଗାନ କରୁଛ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।କଂଗ୍ରେସ ମୁଖପାତ୍ର ଶ୍ରୀମତୀ ଜୟଶ୍ରୀ ପାତ୍ର ପୋଲିସ ଓ ଜିଲ୍ଲା ପ୍ରଶାସନ ଶାସକ ଦଳ ପାଖରେ ବନ୍ଧା ପଡିବା ସହ ଗୃହ ବିଭାଗ ଅଚଳ ଅକାମୀ ଅବସ୍ଥା ରେ  ବୋଲି ଭର୍ତ୍ସନା କରିବା ସହ। ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ସତ୍ୟବଦୀ ବିଧାୟକ ଓ ପୁରୀ ସାଂସଦ ନିଜ ଅଂଚଳ ରେ ଘର ବୁଡ଼ି ପାଣି ଆଣ୍ଠୁଏ ହେଲେ ଆଜି ଯାଏଁ ଚେତା ପଶିଲା ନାହିଁ। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପୁରୀ ମାଟି ହୋଇଥିଲେ ମଧ ନିଜ ଅଂଚଳରେ ସାଧାରଣ ଜନତା ଅସୁରକ୍ଷିତ ବେଳେ ଉପମଖ୍ୟମନ୍ତ୍ରୀ ଅନ୍ଧ ମୁକ ବଧିର ପାଲଟିଯିବା ଅତି ଦୁର୍ଭାଗ୍ୟଜନକ। ଜଗନ୍ନାଥ ଧାମରେ ସାଧାରଣ ଲୋକ ସୁରକ୍ଷିତ ନୁହନ୍ତି ଯେଉଁ ସ୍ଥାନ ରେ ପୋଲିସ ଓ ଜିଲ୍ଲା ପ୍ରଶାସନର କଡା କଡି ବ୍ୟବସ୍ଥା ରହିବା କଥା ସେ ସ୍ଥାନରେ ସବୁଠି ସବୁ ହୁଗୁଳା ପଡ଼ିଛି।

# ପଶ୍ଚିମବଙ୍ଗରେ ବିଜେପିର ବିଜୟ ନେଇ ଜନତାଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୦୪/୦୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିଜୟ ହେଉଛି ବଙ୍ଗର ଜନସାଧାରଣଙ୍କ ବିଜୟ । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଏବଂ ଅହଂକାର ବିରୋଧରେ ବଙ୍ଗବାସୀ ସ୍ପଷ୍ଟ ଜନାଦେଶ ଦେଇଛନ୍ତି ବୋଲି ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।
ପଶ୍ଚିମବଙ୍ଗରେ  ପ୍ରଥମ ଥର ପାଇଁ ପଦ୍ମ ଫୁଟାଇ ଏକ ନୂତନ ଇତିହାସ ସୃଷ୍ଟି କରିଥିବାରୁ ସେ ରାଜ୍ୟର ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପଶ୍ଚିମବଙ୍ଗରେ ମହିଳାମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ଏବଂ ଶାସକ ଦଳର ନେତାମାନଙ୍କ ଦ୍ୱାରା ଦିଆଯାଉଥିବା ସଂବେଦନହୀନ ମନ୍ତବ୍ୟକୁ ବଙ୍ଗର ନାରୀଶକ୍ତି ପ୍ରତ୍ୟାଖ୍ୟାନ କରିଛନ୍ତି । ମହିଳାଙ୍କ ସମ୍ମାନ ରକ୍ଷା କରିବାରେ ମମତା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମମତା ବାନାର୍ଜୀଙ୍କ ସରକାର ସର୍ବଦା ଜନଜାତି ବର୍ଗର ସ୍ୱାର୍ଥକୁ ଅଣଦେଖା କରିଆସିଛି। ସେହିପରି ରାଜ୍ୟର ଚାଷୀକୂଳଙ୍କୁ କେନ୍ଦ୍ରୀୟ ଯୋଜନାର ସୁଫଳରୁ ବଞ୍ଚିତ କରି ସେମାନଙ୍କ ସହ ବିଶ୍ୱାସଘାତକତା



କରାଯାଇଛି। ବଙ୍ଗର ଯୁବବର୍ଗ ଆଜି ବେକାରୀ ସମସ୍ୟାରେ ଜର୍ଜରିତ। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଟିଏମସି ସରକାର ଯୁବପିଢ଼ିଙ୍କୁ ଭ୍ରମିତ କରିଆସୁଛି । ପଶ୍ଚିମବଙ୍ଗର ଜନସାଧାରଣ ମମତା ବାନାର୍ଜୀଙ୍କୁ ବିଦାୟ କରିବା ସହ ଭାରତୀୟ ଜନତା ପାର୍ଟିର ସୁଶାସନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଉପରେ ଅତୁଟ ବିଶ୍ୱାସ ପ୍ରକଟ କରିଛନ୍ତି । ଏହି ବିଜୟ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ 'ସୋନାର ବାଂଲା'ର ସ୍ୱପ୍ନ ସାକାର କରିବାରେ ଏକ ଦୃଢ଼ ମୂଳଦୁଆ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଆସାମ ବିଧାନସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜେପିକୁ ପ୍ରଚଣ୍ଡ ବହୁମତ ଦେଇଥିବାରୁ ଶ୍ରୀ ପ୍ରଧାନ ସେଠାକାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ଆସାମବାସୀ କଂଗ୍ରେସର ବିଭାଜନକାରୀ ରାଜନୀତି ଓ ତୁଷ୍ଟିକରଣକୁ ପ୍ରତ୍ୟାଖ୍ୟାନ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ 'ଡବଲ ଇଞ୍ଜିନ' ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ସମର୍ଥନ କରିଛନ୍ତି । ଅପରପକ୍ଷରେ ତାମିଲନାଡୁରେ ବିଜେପି ପ୍ରତି ବିଶ୍ୱାସ ଓ ସମର୍ଥନ ପ୍ରକଟ କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ଟିଭିକେର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ପୁଡୁଚେରୀରେ ଏନଡିଏର ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସାମୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ପ୍ରଧାନମନ୍ତ୍ରୀଙ୍କ ବିକାଶର ଦୂରଦୃଷ୍ଟି ଉପରେ ଜନସାଧାରଣଙ୍କ ଆସ୍ଥା ବୋଲି ସେ କହିଛନ୍ତି ।

# ଠକେଇ ମାମଲାରେ ଆପ ଜିଲ୍ଲା ସଭାପତି ପୃଥୀରାଜ ଗିରଫ

ସୁବର୍ଣ୍ଣପୁର, ୦୪/୦୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଆମ ଆଦମି ପାର୍ଟି(ଆପ)ର ସଭାପତି ପୃଥୀରାଜ ଜଗଦଳା(୨୬)ଙ୍କୁ ଠକେଇ ମାମଲାରେ ଗିରଫ କରିଛି ସୋନପୁର ପୋଲିସ। ଏନେଇ ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ନାରାୟଣ ନାୟକ। ସୂଚନା ଯୋଗ୍ୟ ଯେ, ସୋନପୁର ଥାନା କିର୍ତୀପୁର ଗ୍ରାମର ସରୋଜ ଭେସ୍ରା ପୃଥୀରାଜଙ୍କ ନାମରେ ସୋନପୁର ଥାନାରେ ଏପ୍ରିଲ ୨୨ରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେଥିରେ ସରୋଜଙ୍କ ସ୍ତ୍ରୀଙ୍କୁ ପୋଷ୍ଟାଲ ଜିଡିଏସ୍ ଚାକିରି କରାଇ ଦେବା ପାଇଁ କହି କିସ୍ତି ହିସାବରେ ମୋଟ ୧ଲକ୍ଷ ୫୫ ହଜାର ଟଙ୍କା ଠକି ନେଇଥିଲେ ଶ୍ରୀ ଜଗଦଳା। ପରେ ଏକ ନିଯୁକ୍ତି ପତ୍ର ମଧ ଦେଇଥିଲେ କିନ୍ତୁ ପରେ ସେ ଜାଣିବାକୁ ପାଇଲେ ଯେ, ପୃଥୀରାଜ ଦେଇଥିବା ନିଯୁକ୍ତିପତ୍ର ନକଲି। ସରୋଜ ଟଙ୍କା ଫେରାଇ ଦେବା ପାଇଁ କହିବାରୁ ପୁଣି ପୃଥୀରାଜ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଆଟେଣ୍ଡାଂଟ ଚାକିରି କରାଇ ଦେବି କହି ଗୋଟିଏ ନିଯୁକ୍ତିପତ୍ର ଦେଇଥିଲେ। ପରେ ଅଭିଯୋଗକାରୀ ଜାଣିବାକୁ ପାଇଲେ ଯେ, ଉକ୍ତ ନିଯୁକ୍ତି ପତ୍ରଟି ମଧ ନକଲି। ପରବର୍ତୀ ସମୟରେ ପୁଣି ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଗୃହରକ୍ଷୀ ଭାବେ ଚାକିରି କରାଇଦେବି କହି ନଗଦ ଟଙ୍କା, ବ୍ୟାଙ୍କ ମାଧ୍ୟମରେ ଏବଂ ୟୁପିଆଇ ଇତ୍ୟାଦି ମାଧ୍ୟମରେ ସରୋଜ ଦେଇଥିବା ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ସୋନପୁର ଥାନାରେ ୧୪୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ସମୟରେ ପୃଥୀରାଜ ଆକାଉଂଟରେ ଓ ଫୋନ୍ ପେ ଜରିଆରେ ଟଙ୍କା ନେଇଥିବାର ପ୍ରମାଣ ମିଳିଥିଲା।

# ଓଡିଶା ସେଲସ ରିପ୍ରେଜେନ୍ଟିଭ୍ ୟୁନିୟନ ଆନୁକୁଲ୍ୟରେ ୨୩ ତମ ବାର୍ଷିକ ସମ୍ମିଳନୀ ସହ କାର୍ଯ୍ୟକର୍ତ୍ତା ଚୟନ

ଜୟପୁର, ୦୪/୦୫ (ନି.ପ୍ର): ଓଡିଶା ସେଲସ ରିପ୍ରେଜେନ୍ଟିଭ୍ ୟୁନିୟନ ଆନୁକୁଲ୍ୟରେ ୨୩ ତମ ବାର୍ଷିକ ସମ୍ମିଳନି ସହ କାର୍ଯ୍ୟକର୍ତା ଚୟନ ଅନୁଷ୍ଠିତ ହୋଇଛି । ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସସିଏମ ରାଜ୍ୟ କମିଟି ସଦସ୍ୟ ଲକ୍ଷ୍ମଣ କୁମାର ମିଶ୍ରଙ୍କ ସହଯୋଗ ଓ ଆନୁକୁଲ୍ୟରେ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଶାଖା ସଭାପତି ସରୋଜ କୁମାର ପଟ୍ଟନାୟକ, ସମ୍ପାଦକ ରଞ୍ଜନ କୁମାର ମିଶ୍ର ସଭା ପରିଚାଳନା କରିଥିଲେ । ଉକ୍ତ ସମ୍ମିଳନିରେ ନିତ୍ୟ ବ୍ୟବହାର୍ଯ୍ୟ, ଜୀବନ ରକ୍ଷା ଔଷଧର ଦରଦାମ କମାଇବା, ନିୟନ୍ତ୍ରଣ ରଖିବା ମାସିକ ପେନସନ ଅତି କମ୍ ରେ ମାସିକ ୨୬ ହଜାର ଧାର୍ଯ୍ୟ କରିବା, କାର୍ଯ୍ୟ ନର୍ଘନ୍ଟ ସମୟ ସୀମା ଧାର୍ଯ୍ୟ କରିବା ସେଲସ ପ୍ରମୋସନ ଏମ୍ପୋୟସ ଆକ୍ଟ ୧୯୯୬ କୁ ସରକାର ଉଚ୍ଛେଦ ନକରିବା ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ସିଟି କୋଡିନେସନ କମିଟିର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳ ଯୋଗ ଦେଇ ତାଙ୍କର ମତାମତ ବ୍ୟକ୍ତ କରିଥିଲେ । ଶେଷରେ ଆସନ୍ତା ବର୍ଷ ପାଇ ନୂତନ କର୍ମକର୍ତା ଚୟନ କରାଯାଇଥିଲା ।

# ଖୋରଧା ଜିଲ୍ଲା ପ୍ରେସ କ୍ଲବର ନିର୍ବାଚନ: ତପନ ସଭାପତି, ପ୍ରକାଶ ସଂପାଦକ ନିର୍ବାଚିତ

ଖୋରଧା , ୦୪/୫ (ନି.ପ୍ର): ବହୁ ପ୍ରତୀକ୍ଷିତ ଖୋରଧା ଜିଲ୍ଲା ପ୍ରେସ କ୍ଲବ ର କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି । ଆଜି ଅନୁଷ୍ଠିତ ଏହି ନିର୍ବାଚନ ରେ ସଭାପତି ପଦବୀ ନିମନ୍ତେ ତପନ କୁମାର ନାୟକ ଏବଂ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ତପନ କୁମାର ନାୟକ ୨୬ ଖଣ୍ଡ ଭୋଟ ଏବଂ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟ ୧୨ ଖଣ୍ଡ ପାଇଥିଲେ, ଫଳରେ ତପନ କୁମାର ନାୟକ ୧୪ ଖଣ୍ଡ ଭୋଟ ରେ ବିଜୟୀ ହୋଇଥିଲେ । ସମ୍ପାଦକ ଭାବରେ ପ୍ରକାଶ କୁମାର ହାତୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଆଇନ ପରାମର୍ଶ ଦାତା ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ,ଉପଦେଷ୍ଟା ଦିଲ୍ଲୀପ କୁମାର ପଟ୍ଟନାୟକ,ଉପ ସଭାପତି ପ୍ରସନ୍ନ କୁମାର ପାଇକରାୟ ଏବଂ ଲଳିତ ମୋହନ ମାହାପାତ୍ର, ଯୁଗ୍ମ ସଂପାଦକ ସୟଦ ଲିୟାକତ ଅଲ୍ଲୀ ଏବଂ ଅନସର ଅଲ୍ଲି, କୋଷାଧକ୍ଷ ଗୋପାଳ କୃଷ୍ଣ ଦାସ ଏବଂ କାର୍ଯକାରୀ ସଦସ୍ୟ ଭାବେ ଇକବାଲ ଅହମ୍ମଦ, ରାମ ଚନ୍ଦ୍ର ଜୁଝାର ସିଂହ, ଜିତେନ୍ଦ୍ର ଭଞ୍ଜ, ରାଜେଶ ଚନ୍ଦ୍ର ମହାନ୍ତି, ଶୁଭ କାନ୍ତ ମହାପାତ୍ର ଏବଂ ପ୍ରସାର ପ୍ରମୁଖ ଭାବେ ସନ୍ତୋଷ ଚୌଧୁରୀ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ର୍ନିବାଚନ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ଭଞ୍ଜ ଏବଂ ପ୍ରଭାତ ପାଣିଗ୍ରାହୀ ତାଙ୍କୁ ସହାୟତା କରିଥଲେ ।

# ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ର ଦ୍ୱିତୀୟ ସନ୍ଧ୍ୟା

## ସୁଗୃହିଣୀ କେବଳ ଗୃହର ମେରୁଦଣ୍ଡ ନୁହେଁ ବରଂ ରାଷ୍ଟ୍ର ଗଠନରେ ମୁଖ୍ୟ ଆଧାର

ଭଦ୍ରକ, ୦୪/୫ (ନି.ପ୍ର): ଜଣେ ଗୃହିଣୀ ଜାୟା, ବୋହୂ, ଜନନୀ, ଭାଉଜ, ଯାଆ ଭଳି ବହୁ ଭୂମିକାରେ ଗୃହରେ ଅବତୀର୍ଣ୍ଣା ହୁଏ ଏବଂ ପରିବାରର ସମସ୍ତ ସଦସ୍ୟ, ସଦସ୍ୟାଙ୍କ ମନ ନେଇ ଘରର ମେରୁଦଣ୍ଡ ସାଜିବା ସହ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ ମାତୃ ବନ୍ଦନ ସନ୍ଧ୍ୟାରେ ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନା




ପୌରୋହିତ୍ୟ କରିଥିଲେ ଏବଂ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ, ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲ। ଏହି ସମାରୋହରେ ସେବା ନିବୃତ୍ତା ପ୍ରଧାନ ଶିକ୍ଷୟିତ୍ରୀ ତଥା ଶିକ୍ଷାବିତ୍ ଉର୍ମିଳା ପାଣିଗ୍ରାହୀ ମୁଖ୍ୟ ବକ୍ତା, ଭେଷଜ ବିଶେଷଜ୍ଞ ଭାଗ୍ୟଶ୍ରୀ ପଣ୍ଡା ବିଶିଷ୍ଟ ଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଓ ସଂଗଠିକା ନୀଳିମା ରାୟ ସମ୍ମାନନୀୟା ଅତିଥି ଏବଂ କବୟିତ୍ରୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ବୈଦେହୀ ପଣ୍ଡାଙ୍କ ସ୍ମୃତିରେ ଦ୍ୱିତୀୟ ସନ୍ଧ୍ୟା ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା,ଭଦ୍ରକର ସଭାନେତ୍ରୀ ସଂଯୁକ୍ତା ବଳ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, ଅଧିବକ୍ତା ଅଞ୍ଜୁବାଳା ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ରାଜନଗର ସିଡ଼ିପିଓ ଦୀପାଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବର ସଭାପତି ଇଂ. ଅଭୟ ସୂତାର, ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ଅଧାପକ ନୀହାର ରଞ୍ଜନ କର , ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସମ୍ପାଦିକା ଅଞ୍ଜନା ମିଶ୍ର ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଭଦ୍ରକର ଲଳିତ କଳା ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଚିତ୍ର ନାଟକ 'ତୁ ସେହି ନୀଳନୟନା' ଲୋକାର୍ପିତ

ଭୁବନେଶ୍ୱର , ୦୪/୫ (ନି.ପ୍ର): ଡ. ରଜନୀ ରଞ୍ଜନ ଙ୍କ ଲିଖିତ ତଥା ବର୍ଷା ପବଲିକେଶନ ପ୍ରକାଶିତ ଚଳଚ୍ଚିତ୍ର ତୁ ସେହି ନୀଳନୟନା ର ଚିତ୍ରନାଟ୍ୟ ପୁସ୍ତକ ଆଜି ଗୋଦାବରୀଶ ସାହିତ୍ୟ ସଂସଦ ପ୍ରେକ୍ଷ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର ବିଜୟ ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ସୂଚନା କମିଶନର ଶ୍ରୀ ଦିଲ୍ଲୀପ ବିଶୋଇ, ଚଳଚ୍ଚିତ୍ରି



ପ୍ରଯୋଜକ ସାଚିକାନ୍ତ ଜେନା, ପ୍ରଯୋଜକ ବିନୀ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ବର୍ଷା ପ୍ରକାଶନ ନିର୍ଦ୍ଦେଶକ ବାଦଲ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଡ. ମାଧବ ବେହେରା ଓଡ଼ିଆ ଚିତ୍ରନାଟକ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଚଳଚ୍ଚିତ୍ର କଳାକାର ଜୀବନ ପଣ୍ଡା, ପ୍ରତିଭା ପଣ୍ଡା,ନିର୍ଦ୍ଦେଶକ ତ୍ରିପତି ସାହୁ ଏବଂ ଲେଖିକା ସସ୍ମିତା ଦାସ,ଶ୍ରୁତକିର୍ତ୍ତୀ ତ୍ରିପାଠୀ, ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ବୋଉ ଫାଉଣ୍ଡେସନ ର ଅଧକ୍ଷ ଅସିତ୍ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ବହୁ ସାହିତ୍ୟିକ, ଓଲିଉଡ଼ ର କଳାକାର ଯୋଗଦେଇଥିଲେ ।

# ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ: ସାମ୍ବାଦିକତାର ମୂଲ୍ୟବୋଧ ସହ ପ୍ରଣୟ ଜେଠୀ ଓ ୪୦ ଜଣ ଫଟୋଗ୍ରାଫରଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୦୪/୫ (ନି.ପ୍ର): ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ସାମ୍ବାଦିକତା କେବଳ ଖବର ପରିବେଷଣ କରେ ନାହିଁ, ବରଂ ସମାଜକୁ ଏକ ସଠିକ୍ ଦିଗଦର୍ଶନ ଦେଇଥାଏ। ଦୀର୍ଘ ଦୁଇ ଦଶନ୍ଧି ଧରି ଓଡ଼ିଶା ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରିବା ଭିତରେ ମୁଁ ଅନେକ ଘଟଣାବଳୀର ସାକ୍ଷୀ ରହିଛି, କିନ୍ତୁ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ ସର୍ବଦା ସମଗ୍ର ସାମ୍ବାଦିକ ଜଗତ ପାଇଁ ଏକ ସ୍ୱତନ୍ତ୍ର ମହତ୍ତ୍ୱ ବହନ କରେ। ସାମ୍ବାଦିକମାନଙ୍କର ଅଧିକାର, ନିରପେକ୍ଷତା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିନଟି ଉଦ୍ଦିଷ୍ଟ। ଏହି ପରିପ୍ରେକ୍ଷୀରେ ନିକଟରେ ରାଜଧାନୀରେ 'ଭୁବନେଶ୍ୱର ସାମ୍ବାଦିକ ସଂଘ' ପକ୍ଷରୁ ଏକ ବର୍ଣ୍ଣାଢ୍ୟ ତଥା ଗରିମାମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ସୃଜନଶୀଳତା ଓ ସମାଜସେବାର ସମ୍ମିଶ୍ରଣ: ପ୍ରଣୟ ଜେଠୀଙ୍କୁ ସମ୍ମାନ ଏହି ସ୍ୱତନ୍ତ୍ର ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଜଣାଶୁଣା ମିଡ଼ିଆ ପ୍ଲାନର ତଥା କ୍ରିଏଟିଭ୍ ହେଡ୍ ଶ୍ରୀ ପ୍ରଣୟ ଜେଠୀଙ୍କ




ସମ୍ବର୍ଦ୍ଧନା। କେବଳ ଗଣମାଧ୍ୟମ ପରିଚାଳନା ନୁହେଁ, ବରଂ ବିଭିନ୍ନ ସାମାଜିକ କାର୍ଯ୍ୟ ଏବଂ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ତାଙ୍କର ଅହରହ ପ୍ରୟାସକୁ ଏହି ମଞ୍ଚରେ ଉଚ୍ଚ ପ୍ରଶଂସା କରାଯାଇଥିଲା। ଜଣେ ବରିଷ୍ଠ ସାମ୍ବାଦିକ ଭାବରେ ମୁଁ ଅନୁଭବ କରେ ଯେ, କଳା, ଚଳଚ୍ଚିତ୍ର ଏବଂ ଗଣମାଧ୍ୟମ ମଧ୍ୟରେ ଥିବା ସେତୁକୁ ମଜବୁତ କରିବାରେ ପ୍ରଣୟ ବାବୁଙ୍କ ଭଳି ବ୍ୟକ୍ତିବିଶେଷଙ୍କ ଦାୟିତ୍ୱବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ନିଜର ଦକ୍ଷତା ବଳରେ ଉଭୟ ଶିଳ୍ପ ଓ ସମାଜକୁ ଏକାଠି ଯୋଡ଼ିବାରେ ସଫଳ ହୋଇଛନ୍ତି, ଯାହାକି ଆଜିର ଯୁବପିଢ଼ି ପାଇଁ ଏକ ଉଦାହରଣ।

ମାନ୍ୟବର ଅତିଥିବୃନ୍ଦଙ୍କ ଯୋଗଦାନ ଓ ବକ୍ତବ୍ୟ: ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବିଶିଷ୍ଟ ରାଜନୈତିକ ଏବଂ ସାମାଜିକ ନେତୃବୃନ୍ଦ ଉପସ୍ଥିତ ରହି ଉତ୍ସବର ଶୋଭା ବଢ଼ାଇଥିଲେ। ସେମାନଙ୍କର ଉପସ୍ଥିତି ସାମ୍ବାଦିକମାନଙ୍କର ମନୋବଳକୁ ଆହୁରି ଦୃଢ଼ କରିଥିଲା।

ଶ୍ରୀଯୁକ୍ତ ମନମୋହନ ସାମଲ: ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଣୟ ଜେଠୀଙ୍କ ନିରନ୍ତର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ମିଡ଼ିଆର ସ୍ୱାଧୀନତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟାନ୍ୟ ସମ୍ମାନିତ ଅତିଥି: ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ବାବୁ ସିଂ ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ମଧ ଏହି ଅବସରରେ ଉପସ୍ଥିତ ଥିଲେ।

ସଂଘର କର୍ମକର୍ତ୍ତା: ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ସାଧାରଣ ସମ୍ପାଦକ ଶ୍ରୀ ଜିତେନ୍ଦ୍ର ମହାନ୍ତିଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସୁଚାରୁ ପରିଚାଳନା କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲା।

ଫଟୋଗ୍ରାଫି ପ୍ରଦର୍ଶନୀ: ସାମ୍ବାଦିକତାରେ ଶବ୍ଦ ଯେତିକି ଶକ୍ତିଶାଳୀ, ଗୋଟିଏ ସତ୍ୟନିଷ୍ଠ ଫଟୋଚିତ୍ର ବେଳେବେଳେ ତା'ଠାରୁ ହଜାରେ ଗୁଣ ଅଧିକ କଥା କହିଥାଏ। ଏହି ସ୍ୱତନ୍ତ୍ର ଦିବସର ଅନ୍ୟ ଏକ ଆକର୍ଷଣୀୟ ଦିଗ ଥିଲା ଏକ ବିଶାଳ 'ଫଟୋ ପ୍ରଦର୍ଶନୀ' ର ଆୟୋଜନ। ଏହି ପ୍ରଦର୍ଶନୀରେ ବିଭିନ୍ନ ସ୍ଥାନରୁ ଆସିଥିବା ୪୦ରୁ ଊର୍ଦ୍ଧ୍ୱ ପ୍ରତିଭାବାନ ଫଟୋଗ୍ରାଫର ଅଂଶଗ୍ରହଣ କରିଥିଲେ। ସେମାନଙ୍କ କ୍ୟାମେରା ଲେନ୍ସରେ କଏଦ ହୋଇଥିବା ସାମାଜିକ ବାସ୍ତବତା, ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଏବଂ ମାନବିକ ସମ୍ବେଦନଶୀଳତାର ନିଛକ ଚିତ୍ର ଦର୍ଶକମାନଙ୍କୁ ବିମୋହିତ କରିବା ସହ ଚିନ୍ତନ କରିବାକୁ ଖୋରାକ ଯୋଗାଇଥିଲା। ଖବର ପରିବେଷଣ କ୍ଷେତ୍ରରେ ପଛରେ ରହି ନିଜ ଜୀବନକୁ ବାଜି ଲଗାଇ ସତ୍ୟକୁ ସାମ୍ନାକୁ ଆଣୁଥିବା ଏହି ସମସ୍ତ ଫଟୋ ସାମ୍ବାଦିକମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋର ଦୀର୍ଘ ଦିନର ଅଭିଜ୍ଞତାରୁ ମୁଁ କହିପାରେ ଯେ, ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବ ପାଳନର ଦିନ ନୁହେଁ, ବରଂ ଏହା ସାମ୍ବାଦିକୀୟ ମୂଲ୍ୟବୋଧର ଆତ୍ମସମୀକ୍ଷା କରିବାର ଦିନ। ଭୁବନେଶ୍ୱର ସାମ୍ବାଦିକ ସଂଘର ଏହି ପ୍ରୟାସ, ଶ୍ରୀ ପ୍ରଣୟ ଜେଠୀଙ୍କ ଭଳି ସୃଜନଶୀଳ ବ୍ୟକ୍ତିବିଶେଷ ଏବଂ ତୃଣମୂଳ ସ୍ତରରେ କଠିନ ପରିଶ୍ରମ କରୁଥିବା ଫଟୋଗ୍ରାଫର ମାନଙ୍କୁ ଯେଉଁ ଉପଯୁକ୍ତ ସମ୍ମାନ ପ୍ରଦାନ କରିଛି, ତାହା ନିଶ୍ଚିତ ରୂପେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସୁସ୍ଥ ତଥା ସ୍ୱଚ୍ଛ ଗଣତନ୍ତ୍ର ଗଠନରେ ନିରପେକ୍ଷ ଗଣମାଧ୍ୟମ ଏବଂ କଳା-ସଂସ୍କୃତିର ସୁବିକାଶ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ - ୨୦୨୬ ଉଦ୍‌ଘାଟିତ

ବାଲେଶ୍ୱର , ୦୪/୫ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪ ମେ ୨୦୨୬ ତାରିଖରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ସମର ଇର୍ଣ୍ଟର୍ନଶିପ୍ ପ୍ରୋଗ୍ରାମ୍) ଏସଟ-୨୦୨୬ ର ଉଦଘାଟନ ହୋଇଯାଇଛି । ଏହି ତିନି ସପ୍ତାହର ଶିକ୍ଷାମୂଳକ କାର୍ଯ୍ୟକ୍ରମ ଚଳିତ ମାସ ୨୪ ରେ ସମାପ୍ତ ହେବ । ଏହି ପ୍ରୋଗ୍ରାମ୍‌ଟି ଏନଇପି-୨୦୨୦ ଓ ଭାରତୀୟ ଜ୍ଞାନ ପରମ୍ପରା ର ଧାରଣାକୁ ଆଧାର କରି ସଂଗଠିତ ହୋଇଛି । ସମାଜଶାସ୍ତ୍ର, ରାଜନୀତି ବିଜ୍ଞାନ, ଅର୍ଥନୀତି, ଇତିହାସ ଓ ପୁରାତତ୍ତ୍ୱ, ମାନବଶାସ୍ତ୍ର, ପ୍ରୟୋଗମୂଳକ ମନୋବିଜ୍ଞାନ, ସାମ୍ବାଦିକତା ଓ ଗଣମାଧ୍ୟମ, ଜନସଂଖ୍ୟା ଅଧ୍ୟୟନ ଏବଂ ସମାଜ କାର୍ଯ୍ୟ ବିଭାଗମାନଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆଧାରିତ ଅଧ୍ୟୟନ, ଗବେଷଣାମୁଖୀ ଦୃଷ୍ଟିଭଙ୍ଗୀ ଏବଂ ସମକାଳୀନ ସାମାଜିକ ଚିତ୍ର ସହ ସମ୍ପୃକ୍ତ ହେବା ପାଇଁ ଏହା ଉଦ୍ଦିଷ୍ଟ । କାର୍ଯ୍ୟକ୍ରମର ଆରମ୍ଭ ଅତିଥି ପରିଚୟ, ସ୍ୱାଗତ ଭାଷଣ ଏବଂ ପ୍ରଶିକ୍ଷଣ ପଛରେ ଥିବା ଲକ୍ଷ୍ୟ ଓ ଦୃଷ୍ଟିକୋଣର ପ୍ରସ୍ତୁତି ସହିତ ହୋଇଥିଲା । ପ୍ରଫେସର ପବିତ୍ର ମୋହନ ନାୟକ ଏହାର ଶିକ୍ଷାଗତ ମହତ୍ତ୍ୱ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମର ଔପଚାରିକ ଉଦ୍‌ଘାଟନ କରି, ଏପରି ପ୍ରୟାସଗୁଡ଼ିକ ଅନୁଭବମୂଳକ ଶିକ୍ଷା ଓ ଶିକ୍ଷାଗତ କୁଶଳତାକୁ ସୁଦୃଢ଼ କରିବାରେ କିପରି ଭୂମିକା ନେଉଛି ତାହା ଉଲ୍ଲେଖ କରିଥିଲେ । ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଛାତ୍ରଛାତ୍ରୀମାନଙ୍କୁ ଏହି ଇର୍ଣ୍ଟର୍ନଶିପ୍‌ର ସୁଯୋଗଗୁଡ଼ିକୁ ସକ୍ରିୟ ଭାବେ ନିୟୋଜିତ ହେବାକୁ ପ୍ରେରିତ କରିଥିଲେ । ବିଭାଗ ଅନୁଯାୟୀ ଲକ୍ଷ୍ୟ ଓ ବିଷୟମୂଳକ ଦିଗନିର୍ଦ୍ଦେଶ ନିମ୍ନଲିଖିତ ଅଧାପକ-ଅଧାପିକା ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା- ପ୍ରଫେସର ଭାରତୀବାଳା ପଟ୍ଟନାୟକ, ମୁଖ୍ୟ, ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗ , ଡ଼କ୍ଟର ଗ୍ରେସ୍ ବାହାଲେନ ମୁଣ୍ଡୁ, ସମନ୍ୱୟକାରୀ, ଜନସଂଖ୍ୟା ଅଧ୍ୟୟନ ଓ ସମାଜ କାର୍ଯ୍ୟ ବିଭାଗ, ଡ଼ ସଚିଦାନନ୍ଦ ସା, ସମନ୍ୱୟକାରୀ, ମାନବଶାସ୍ତ୍ର ବିଭାଗ, ଡ଼କ୍ଟର ରାଜଶ୍ରୀ ଦତ୍ତ, ସମନ୍ୱୟକାରୀ, ପ୍ରୟୋଗମୂଳକ ମନୋବିଜ୍ଞାନ ବିଭାଗ, ଡ଼କ୍ଟର ଶିଖାଶ୍ରୀ ରାୟ, ଇତିହାସ ଓ ପୁରାତତ୍ତ୍ୱ ବିଭାଗ, ଡ଼କ୍ଟର ଗୀତାଞ୍ଜଳି ପଣ୍ଡା, ଅର୍ଥନୀତି ବିଭାଗ, ଡ଼କ୍ଟର ସ୍ମୃତିସିକ୍ତା ଥାପା, ରାଜନୀତି ବିଜ୍ଞାନ ବିଭାଗ । ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଏକ ବିଶେଷ ଅଭିଭାଷଣରେ ସାମାଜିକ ବିଜ୍ଞାନ ଶିକ୍ଷା ଓ ଗବେଷଣାରେ ଅନୁଶାସନିକ ପ୍ରବୃତ୍ତିର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଏହାସହ ଯୋଗଦେଇଥିବା ୧୭୦ ଜଣ ଛାତ୍ରଛାତ୍ରୀମାନଙ୍କ ସହ ଏକ ଆଲୋଚନାମୂଳକ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ସେମାନେ ଇର୍ଣ୍ଟର୍ନଶିପ୍ ପ୍ରତି ନିଜ ଆଶା ଓ ଶିକ୍ଷାଗତ ରୁଚିମାନଙ୍କୁ ଅଭିବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଡ଼କ୍ଟର ଯଶସ୍ୱୀ ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ । ୪ ମେରୁ ୨୪ ମେ ପର୍ଯ୍ୟନ୍ତ ଚାଲିଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୬ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ କ୍ଷେତ୍ର ଅନୁଭବ, ଗବେଷଣା ପରିଚୟ ଓ ଶିକ୍ଷାଗତ ଆଦାନ-ପ୍ରଦାନ ପାଇଁ ଏକ ସକ୍ରିୟ ସୁଯୋଗ ଓ ସହଯୋଗ ପ୍ରଦାନ କରିବା ନେଇ ଆଶାବ୍ୟକ୍ତ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭୁଶୁଡ଼ିଲା ଟିଏମସି ...

ମମତାଙ୍କ ଡାହାଣ ହାତ ଥିଲା ଶୁଭେନ୍ଦୁ ଅଧିକାରୀ ବିଜେପି ଶିବିରକୁ ଆସିବା ବି ବିଜୟର ପଛର ବଡ଼ ଫ୍ୟାକ୍ଟର ବୋଲି ଚର୍ଚ୍ଚା ହେଉଛି। ବିହାର ଓ ଓଡ଼ିଶା ପରେ ପଶ୍ଚିମବଙ୍ଗ ଏବେ ବିଜେପି ଶାସନ ପରେ ସମଗ୍ର ପୂର୍ବ ଭାରତରେ ଗଢ଼ିବାକୁ ଯାଉଛି ଡବଲ ଇଂଜିନ ସରକାର। ତେବେ ଏ ବୃହତ ବିଜୟ ପରେ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ କିଏ ହେବେ, ଏବେ ତା ଉପରେ ସମସ୍ତଙ୍କ ନଜର। ଆସାମରେ ହ୍ୟାଟ୍ରିକ ବିଜୟ ହାସଲ କରିଛି ବିଜେପି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପରେ ପୁଣି ଆସ୍ଥା ଦେଖାଇଛନ୍ତି ଆସାମବାସୀ। ବିଜେପି ନେତୃତ୍ୱାଧୀନ ଏନଡିଏ କେବଳ ଏଠାରେ ବିଜୟ ହୋଇନାହିଁ, ବରଂ ନିଜର ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛି। ଆସାମର ୧୨୬ ବିଧାନସଭା ଆସନରୁ ବିଜେପି ନେତୃତ୍ୱାଧୀନ ଏନଡି ୧୦୧ଟି ଆସନ ଜିତିବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ଏହି ମେଣ୍ଟ ୭୧ଟି ଆସନ ଜିତି ସାରିଥିବା ବେଳେ ଆଉ ୩୦ଟି ଆସନରେ ଲିଡ୍ କରୁଛି। ଆଉ ମାତ୍ର କିଛି ରାଉଣ୍ଡ ଭୋଟ ଗଣତି ବାକି ରହିଥିବାରୁ ବିଜେପି ଓ ସହଯୋଗୀ ଦଳଗୁଡ଼ିକ ଏଠାରେ ଜିତିବା ଏକପ୍ରକାରର ସ୍ପଷ୍ଟ ହୋଇଛି। ଏଠାରେ ସରକାର ଗଠନ କରିବା ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୬୪। ଏହାକୁ ବିଜେପି ବେଶ ସହଜରେ ହାସଲ କରିନେଇଛି। ୨୦୨୧ ଆସାମ ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ୮୦ଟି ଆସନ ଜିତିଥିଲା। ସେହିପରି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ୨୩ଟି ଓ ଅଣ କଂଗ୍ରେସ ଏବଂ ଅଣ ବିଜେପି ମେଣ୍ଟ ବାକି ୨୩ଟି ଆସନ ଦଖଲ କରିଥିଲେ। ୨୦୨୬ରେ କଂଗ୍ରେସ ୨୧କୁ ଖସି ଯାଇଛି। ଅନ୍ୟାନ୍ୟ ଦଳ ୪ଟି ଆସନ ପାଇଛନ୍ତି। ବିଜେପି ଏକାକୀ ୮୨ଟି ଆସନ ଜିତିବାକୁ ଯାଉଥିବା ବେଳେ ସହଯୋଗୀ ବିପିଏଫ ୧୦ଟି ଓ ଏଜିପି ୯ଟି ଆସନ ଜିତିବାକୁ ଯାଉଛି। ବିଜେପି ୯୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଦଳର ୮୨ ଜଣ ଜିତିବା ମଧ୍ୟ ଗୋଟିଏ ରେକର୍ଡ। କେରଳମ ବିଧାନସଭାରେ ୧୪୦ଟି ଆସନ ଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୯୯ଟି ଆସନରେ ବିଜୟୀ ହୋଇଛି। ଏଠାରେ ସରକାର ଗଠନ କରିବା ପାଇଁ ମ୍ୟାଜିକ୍ ନମ୍ବର ୭୧ ହୋଇଥିବା ବେଳେ ଏହାଠାରୁ ୨୮ ଆସନ ଅଧିକ ପାଇଛି ୟୁଡିଏଫ। ୧୦ ବର୍ଷ ଧରି କେରଳମରେ ଶାସନ କରୁଥିବା ସିପିଆଇ (ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ କ୍ଷମତାଚ୍ୟୁତ ହୋଇଛି। ଏହି ମେଣ୍ଟକୁ ମାତ୍ର ୩୫ଟି ଆସନ ମିଳିଛି। ଏହା ସହିତ ଗତ ୫୦ ବର୍ଷରେ ପ୍ରଥମ ଥର ପାଇଁ ଦେଶର କୌଣସି ରାଜ୍ୟରେ ଆଉ ବାମ ଦଳର ସରକାର ରହିବ ନାହିଁ। ଲଗାତାର ୩୪ ବର୍ଷ ଶାସନ କରିବା ପରେ ୨୦୧୧ରେ ପଶ୍ଚିମବଙ୍ଗରୁ ବାମ ସରକାର କ୍ଷମତାଚ୍ୟୁତ ହୋଇଥିଲା। ଏହା ପରେ ୨୦୧୮ରୁ ତ୍ରିପୁରାରୁ କ୍ଷମତାଚ୍ୟୁତ ହୋଇଥିଲା ବାମ ସରକାର। ଏଠାରେ ୧୯୯୮ରୁ ଲଗାତାର ୨୦ ବର୍ଷ ଧରି ଶାସନ କରିଥିଲା ବାମ ଦଳ। କିନ୍ତୁ ୨୦୧୮ ବାମ ଦଳକୁ କ୍ଷମତାଚ୍ୟୁତ କରିଥିଲା ବିଜେପି। କେରଳରେ ସାଧାରଣତଃ ପ୍ରାୟ ଗୋଟିଏ ଥର କଂଗ୍ରେସ ଓ ଗୋଟିଏ ଥର ବାମ ମେଣ୍ଟ ଶାସନ କରନ୍ତି। ୨୦୧୬ରେ ବାମ ମେଣ୍ଟ ଏଠାରେ କ୍ଷମତାକୁ ଆସିଥିବା ବେଳେ ୨୦୨୧ ନିର୍ବାଚନରେ ମଧ୍ୟ ବାଜି ମାରିଥିଲା। କିନ୍ତୁ ଏଥର ବାମ ଦଳ କେରଳରେ ମଧ୍ୟ ହାରିଯାଇଛି। ଫଳରେ ଦେଶର କୌଣସି ରାଜ୍ୟରେ ଏବେ ଆଉ ବାମ ଦଳର ସରକାର ନାହିଁ। ୟୁଡିଏଫ ୯୯ଟି ଆସନ ଜିତିଥିବା ବେଳେ ତା' ମଧ୍ୟରେ କଂଗ୍ରେସର ୬୩ଟି ଆସନ ରହିଛି। ସେହିପରି ମେଣ୍ଟରେ ଥିବା ଆଇୟୁଏମ୍‌ଏଲର ୨୨ଟି ଆସନ ଜିତିଥିବା ବେଳେ କେସି ୭, ଆରଏସ୍‌ପି ୩, କେସି (ଜେ) ଗୋଟିଏ, ଆଇଏନ୍‌ଡି ଗୋଟିଏ, ସିଏମ୍‌ପିକେଏସ୍‌ସି ଗୋଟିଏ ଓ ଆରଏମ୍‌ପିଓଆଇର ଗୋଟିଏ ଆସନ ଜିତିଛନ୍ତି। ସିପିଆଇ (ଏମ୍) ନେତୃତ୍ୱାଧୀନ ମେଣ୍ଟ ୩୫ଟି ଆସନ ଜିତିଛି ।ବିଜେପି ୩ଟି ଆସନ ଜିତିଥିବା ବେଳେ ଅନ୍ୟାନ୍ୟ ୩ଟି ଆସନରେ ବିଜୟୀ ହୋଇଛନ୍ତି। ୨୦୨୧ ବିଧାନସଭା ନିର୍ବାଚନରେ ଏଠାରେ ସିପିଆଇ (ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ ମେଣ୍ଟ ବାଜି ମାରିଥିଲା ଓ ପି. ବିଜୟନ ଲଗାତାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସରକାର ଗଠନ କରିବାକୁ ୭୦ଟି ଆସନ ଦରକାର ହେଉଥିବା ବେଳେ ଏଲ୍‌ଡିଏ ୯୫ଟି ଆସନ ପାଇଥିଲା। ସିପିଆଇ (ଏମ୍)କୁ ସର୍ବାଧିକ ୬୧ଟି ଆସନ ମିଳିଥିବା ବେଳେ ସିପିଆଇକୁ ୧୬, କେସି(ଏମ୍)କୁ ୫, ଆଇଏସ୍‌ଜେଡିକୁ ୨, ଏନ୍‌ସିପି-ଏସ୍‌ପିକୁ ୨ ଏବଂ କଂଗ୍ରେସ (ଏସ୍), ଆଇଏନ୍‌ଏଲ, କେସି (ବି), ଏନ୍‌ଏସ୍‌ସି, ଆରଚେଡି ଏବଂ ଆରଏସ୍‌ପି (ଏଲ୍)କୁ ଗୋଟିଏ ଲେଖାଏ ଆସନ ମିଳିଥିଲା। ୩ ଜଣ ସ୍ୱାଧୀନ ବିଧାୟକ ମଧ୍ୟ ଏହି ମେଣ୍ଟରେ ଥିଲେ। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌କୁ ୪୨ଟି ଆସନ ମିଳିଥିଲା। କଂଗ୍ରେସକୁ ସର୍ବାଧିକ ୨୧ଟି ଆସନ ମିଳିଥିବା ବେଳେ ଆଇୟୁଏମ୍‌ଏଲକୁ ୧୫, କେଇସିକୁ ୨, କେସି (ଜେ)କୁ ୧, କେଡିପିକୁ ୧ ଓ ଆରଏମପିଆଇକୁ ୧ଟି ଆସନ ମିଳିଥିଲା। ତାମିଲନାଡୁରେ ଥଲପତି ମ୍ୟାଜିକ୍। ଇତିହାସ ଦୋହରାଇଲେ, ଭାଙ୍ଗିଲେ ୪୯ ବର୍ଷର ରେକର୍ଡ। ରିଲ୍ ଜନ ନାୟଗନରୁ ପାଲଟିଲେ ରିଏଲ୍ ଜନ ନାୟକ। ରାଜନୈତିକ ପଦାର୍ପଣରେ ଜବରଦସ୍ତ ପ୍ରଦର୍ଶନ କରି ସାରା ଦେଶକୁ ଚମକାଇ ଦେଇଛନ୍ତି ସାଉଥ୍ ସୁପରଷ୍ଟାର୍ ଯୋଶେଫ୍ ବିଜୟ। ତାମିଲନାଡୁ ନିର୍ବାଚନରେ ଐତିହାସିକ ଜନମତ ହାସଲ କରିଛି ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଜାଗମ୍-ଟିଭିକେ। ଦ୍ରାବିଡୀୟ ଦୁର୍ଗକୁ ଭାଙ୍ଗିବାରେ ସଫଳ ହୋଇଛି ବିଜୟ ୱେଭ୍। ଭୋଟ ଗଣତିରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି ଟିଭିକେ। ଫ୍ୟାନଙ୍କ ଗହଣରେ ଥଲପତି ବା ସେନାପତି ଭାବେ ଜଣାଶୁଣା ବିଜୟଙ୍କ ଏହି ବଡ଼ ବିଜୟ ପରେ ଟିଭିକେ କ୍ୟାମ୍ପସରେ ଜୋରଦାର ସେଲିବ୍ରେସନ୍ । ବିଜୟଙ୍କ ବାସଭବନରେ ପରିବାର ଲୋକ ଏହି ସଫଳତାକୁ ନିଆରା ଢଙ୍ଗରେ ମନାଇଛନ୍ତି। ସେହିପରି ଅଭିନେତ୍ରୀ ତ୍ରିଷା ବି ବିଜୟଙ୍କ ଘରକୁ ଯାଇ ଅଭିନନ୍ଦନ ଜଣାଇଥିଲେ। ମ୍ୟାଜିକ୍ ନମ୍ବରଠାରୁ କିଛି ଆସନ ପଛରେ ଥିଲେ ବି ସରକାର ଗଢିବାରେ ବିଜୟଙ୍କୁ କୌଣସି ଅସୁବିଧା ହେବ ନାହିଁ । ଛୋଟ ଦଳ ସହ ମିଶି ସରକାର ଗଠନ କରିବାକୁ ସେ ଚେଷ୍ଟା କରିବେ ବୋଲି କୁହାଯାଉଛି। ତେଣେ ଟିଭିକେ ସହ ମିଶି ସରକାର ଗଠନ କରିବାକୁ କଂଗ୍ରେସକୁ ଆହ୍ୱାନ କରିଛନ୍ତି ବିଜୟଙ୍କ ବାପା। ଡିଏମକେ ଓ ଏଆଇଏଡିଏମକେ ଭଳି ପୁରୁଖା ଦଳକୁ ପଛରେ ପକାଇବାରେ କିଭଳି ସମର୍ଥ ହେଲେ ବିଜୟ ? କେମିତି ସେ ତାମିଲନାଡୁ ରାଜନୀତିକୁ ଭେଦ କରିବାରେ ସଫଳ ହେଲେ ? ୨୦୨୪ ମସିହାରେ ସିନେମା କ୍ୟାରିୟରର ଟପରେ ଥିବା ବେଳେ ବିଜୟ ଗଢିଥିଲେ ରାଜନୈତିକ ଦଳ ଟିଭିକେ। ଲକ୍ଷ୍ୟ ଥିଲା ୨୦୨୬ ବିଧାନସଭା ନିର୍ବାଚନ। ଏଥିପାଇଁ ତାଙ୍କ ଦଳ ସେତେବେଳେ ଲୋକସଭା ନିର୍ବାଚନ ଲଢି ନ ଥିଲା। ବିଧାନସଭା ନିର୍ବାଚନ ପୂର୍ବରୁ ଟିଭିକେକୁ ଦୁଇ ଦ୍ରାବିଡୀୟ ଦଳର ବିକଳ୍ପ ଭାବେ ପ୍ରସ୍ତୁତ କରିଥିଲେ।

# ପ୍ରାକ୍ତନ ପ୍ରାଧ୍ୟାପକଙ୍କ ପରଲୋକ

ଖଇରା, ୦୪/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ କାକୁଡିଆ ଗ୍ରାମର ପ୍ରାକ୍ତନ ପ୍ରାଧ୍ୟାପକ ଡ ମାନସ ରଞ୍ଜନ ଲେଙ୍କା(୭୪)ଙ୍କର ପରଲୋକ ହୋଇ ଯାଇଛି । ହୃଦଘାତ ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ସେ ଭଦ୍ରକ କଲେଜରୁ ପ୍ରାଣିବିଜ୍ଞାନ ମୁଖ୍ୟଭାବେ ଛାତ୍ରୀଛାତ୍ରଙ୍କ ପ୍ରିୟଭାଜନ ହୋଇଥିଲେ । ଅଭିଜ୍ଞ ସମ୍ପର୍କ ଯୋଗୁଁ ତାଙ୍କୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟରେ ସିଣ୍ଡିକେଟ ସଦସ୍ୟ ରହି ଶିକ୍ଷାବ୍ୟବସ୍ଥାରେ ସୁଧାର ପାଇଁ ପ୍ରୟାସ ଜାରି ରଖିଥିଲେ । ତାଙ୍କର ମୃତ୍ୟ ଖବର ପାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା,ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସରୋଜ କୁମାର ଲେଙ୍କାଙ୍କ ସମେତ ବହୁ ଛାତ୍ରୀଛାତ୍ର,ଶୁଭେଚ୍ଛୁ,ସହପାଠୀ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ,ପତୁରା,ଭାଇ,ଭଉଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା ।

# ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୦୪/୫ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ତ୍ରୟୋଦଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପଦ ଭଞ୍ଜନ ପାଢ଼ୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଓଡ଼ିଶାର ବିଶିଷ୍ଟ ଐତିହାସିକ ଓ ଗବେଷକ ଅଜୟ କୁମାର ପଣ୍ଡା। ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ପୌର ପାଳିକା ଅଧକ୍ଷା ନିବେଦିତା ବେହେରା, ବିଦ୍ୟାଳୟର ସମ୍ପାଦକ ହେମନ୍ତ କୁମାର ମହାକୁଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଶିକ୍ଷା, ସାହିତ୍ୟ, ଧର୍ମ, କଳା




ସଂସ୍କୃତି ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଶିକ୍ଷାବିତ୍ ରତ୍ନାକର ବାରିକ୍, ଶିକ୍ଷାବିତ କମଳାକାନ୍ତ ନାୟକ, ଶିକ୍ଷାବିତ ଅଭିମନ୍ୟୁ ଦାସ, ପ୍ରାକ୍ତନ ଛାତ୍ରୀ ସୁପ୍ରୀତି ମୁଦୁଲି, ପ୍ରାକ୍ତନ ଛାତ୍ର ଜ୍ୟୋତି ପ୍ରକାଶ ବେହେରା ପ୍ରମୁଖ ଙ୍କୁ ମାନପତ୍ର ଓ ଉପଢ୍ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏହି ଉତ୍ସବରେ ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ସମ୍ପାଦକ ହେମନ୍ତ କୁମାର ମହାକୁଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସନାତନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ସସ୍ମିତା ବେହେରା ବାର୍ଷିକ ବିବରଣୀ ପାଠ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କୋଷାଧକ୍ଷ ଶୈଳବାଳା ବେହେରା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବର ଖୁବ୍ ସୁନ୍ଦର ଓ ଆକର୍ଷଣୀୟ କାର୍ଯ୍ୟକ୍ରମରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ।

ମଙ୍ଗଳବାର, ମଇ ୦୫, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କୁଡୁମାଲୀ କଲଚୁରାଲ ଏସୋସିଏସନ ତରଫରୁ ମେଟ୍ରିକ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାରିପଦା , ୦୪/୫ (ନି.ପ୍ର): ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାରିପଦାର ଛାତ୍ର ପାର୍ଥସାରଥି ମହାନ୍ତ ୫୮୮ ନମ୍ବର ରଖି ଓଡିଶାରେ ଟପ୍ପର ହେବାର ସୌଭାଗ୍ୟ ପାଇ ଥିବାରୁ କୁଡୁମାଲୀ କଲଚୁରାଲ ଏସୋସିଏସନ ତରଫରୁ ତାଙ୍କ ବାରିପଦା ସ୍ଥିତ ମଧୁବନ ବାସଭବନ ଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏସୋସିଏସନର ସଭାପତି ଡ. ଭକ୍ତହରି ମହାନ୍ତଙ୍କ ପୌରୋହିତ୍ୟରେ ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର ସହ ପାଞ୍ଚ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ବାପାଜଣେ ପାଇପ ମିସ୍ତ୍ରୀ ଓ ମାଆ ଜଣେ ଆଶାକର୍ମୀ ହୋଇ ମଧ ସାରା ଓଡିଶାରେ ଟପ୍ପର ହୋଇ ଜଣେ ମେଧାବୀ ଛାତ୍ରଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ଜଣେ ମେଧାବୀ ଛାତ୍ର ଭାବେ ସେ ଏନ.ଆର.ଟି.ଏସ.-୨୦୨୫ ରେ ଜିଲ୍ଲାରେ ପ୍ରଥମ, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପ୍ରତିଯୋଗିତାରେ ଜିଲ୍ଲାରେ ପ୍ରଥମ, ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫ ରେ ଓଡିଶାରେ ପ୍ରଥମ, ଭାରତୀକୃଷ୍ଣ ଗଣିତ ପରୀକ୍ଷା ୨୦୨୫ରେ ଓଡିଶାରେ ପ୍ରଥମ ହେବା ସହିତ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଗଣେଶ୍ୱର ମହାନ୍ତ, ଇଂ ଯୁଧିଷ୍ଠିର ମହାନ୍ତ, ବାରିପଦା ଓକିଲ ସଂଘର ବରିଷ୍ଠ ଆଇନଜିବୀ ପଦ୍ମଲୋଚନ ମହାନ୍ତ, ସମାଜସେବୀ ବୁଧୁରାମ ସିଂ, ମାମୁଁ ଯୋଗେଶ୍ୱର



ମହାନ୍ତ, ବାପା ଗଣେଶ୍ୱର ମହାନ୍ତ, ମାତା ସାବିତ୍ରୀ ମହାନ୍ତ, ଅଜା ଉପେନ୍ଦ୍ର ମହାନ୍ତ, ଆଇ ଗୀତା ମହାନ୍ତ, ଜେଜେମା ବାରି ମହାନ୍ତ, ବଡ ମାମୁଁ ରାମେଶ୍ୱର ମହାନ୍ତ ଉପସ୍ଥିତ ଥାଇ ତାଙ୍କୁ ଉତ୍ସାହିତ କରିଥିଲେ। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବେ ବୋଲି ଅଭିଳାଷ ଅସାବ୍ୟକ୍ତ କରିଛନ୍ତି।

## ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ବମ୍ପର୍ ଜିତ୍: ଝାଲମୁଢ଼ିର ସ୍ୱାଦନେଇ ବିଜୟ ଉତ୍ସବ ପାଳିଲା ନୀଳଗିରି ଭାରତୀୟ ଜନତାପାର୍ଟି

ନୀଳଗିରି , ୦୪/୫ (ନି.ପ୍ର): ଦେଶର ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ରାଜ୍ୟରେ ନିର୍ବାଚନର ଆଜି ଭୋଟଗଣତି ଥିବାବେଳେ ସମସ୍ତଙ୍କର ନଜର ପଶ୍ଚିମବଙ୍ଗ ଉପରେ ଥିଲା। ତେବେ ମୋଟ ୨୯୪ଟି ଆସନରୁ ଗୋଟିଏ ଆସନକୁ ବାଦଦେଇ ୨୯୩ଟି ଆସନର ଭୋଟଗଣତି ହୋଇଥିବା ବେଳେ ଶାସକ ଟିଏମସିକୁ ମାତଦେଇ ଭାରତୀୟ ଜନତାପାର୍ଟି ୨୦୦ରୁ ଉର୍ଦ୍ଧ୍ୱ ଆସନରେ ବମ୍ପର ଜିତ ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶୋନ୍ମୁଖୀ ଯୋଜନା, ମମତାଙ୍କ ହିନ୍ଦୁବିରୋଧୀ ଆଭିମୁଖ୍ୟ ୧୫ବର୍ଷର ଶାସନକୁ ଗାଦିଚ୍ୟୁତ କରିଥିବା ବିଜେପିର



ପ୍ରମୁଖନେତାମାନେ ଉଦବୋଧନ ଦେଇଥିଲେ।ଏହି ଅବସରରେ ନୀଳଗିରି ବିଜେପିଦଳର ସମସ୍ତ ଛାମୁଆ ସଂଗଠନ ସନ୍ଧ୍ୟା ୬.୩୦ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖସ୍ଥ ଲଭରସ୍ ପଏଣ୍ଟ ନିକଟରେ ବିଜୟ ଉତ୍ସବ ପାଳନକରିଥିଲେ। ଏହି ଅବସରରେ ଆତସବାଜି ଫୁଟାଇ ପରସ୍ପର ମଧ୍ୟରେ ଲଡୁ, ମିଠାବାଣ୍ଟି ବିଜେପି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ସାଂସଦ ପ୍ରତାପନନାଙ୍କ ଉଦ୍ଦେଶ୍ୟରେ ଜୟଜୟ କାର ଧ୍ୱନିଦେବା ସହିତ ଝାଲମୁଢ଼ି ଖାଇବାର ମଜା ଉଠାଇଥିଲେ। ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଉପସ୍ଥିତିରେ ଏହି ବିଜୟଉତ୍ସବ ପାଳନ କରାଯାଇଥିବା ବେଳେ ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ମହେନ୍ଦ୍ର ବେହେରା, ସରସ୍ୱତୀ ନନ୍ଦ, ସମରଶଙ୍କର କାନୁନଗୋ, ସୁରଞ୍ଜନ ମହାପାତ୍ର, ଅଜିତ କୁମାର ମହାନ୍ତି, ପ୍ରଫୁଲ୍ଲ ଦଳେଇ, ପରେଶ ପରିଡା, ଦୀପକ କୁମାର ସାହୁ,ଶୁଭ୍ରାଂଶୁ ଶେଖର ନନ୍ଦ, ଦେବାଶିଷ ଆଚାର୍ଯ୍ୟ, ରବୀନ୍ଦ୍ର ନାୟକ, ନିରେଶମଣି ବାଗ, ରୁଦ୍ରେଶ୍ୱର୍ ପତି, ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସିଂ, ଝରଣା ସିଂ ପ୍ରମୁଖ ଶତାଧିକକର୍ମୀ ସାମିଲଥିଲେ।

## ବିଏମ୍‌ସି ମୁଖ୍ୟାଳୟରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର, ୦୪/୫ (ନି.ପ୍ର): ବିଏମ୍ ସି ମୁଖ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି, ବିଡିଏ, ଓ ବିଏସସିଏଲ୍ ସଂପର୍କିତ ବିଭିନ୍ନ ଅଭିଯୋଗ ସଂପର୍କରେ ଅଭିଯୋଗକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଛନ୍ତି ବିଏମ୍ ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଏବଂ ସ୍ମାର୍ଟ ସିଟିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଚଂଚଳ ରାଣା। ତିନୋଟି ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣି ହୋଇଥିଲା ।

## ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ଜିଲ୍ଲା ସଦର ମହକୁମାଠାରେ ଜନଶୁଣାଣି



ଖୋର୍ଦ୍ଧା, ୦୪/୫ (ନି.ପ୍ର): ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ରତୁରାଜଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି କ୍ଷ ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି,ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖି ଅଭିଯୋଗ ଗୁଡ଼ିକର ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୯୩ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୭ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୦୬ ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୦୬ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ବେବି ପଲାଇ, ହରିଚନ୍ଦନପୁର, ନାଚୁଣୀ, ବାଣପୁରଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତିରିଶି ହଜାର, ମାଳତୀ ପଲାଇ, ହରିଚନ୍ଦନପୁର, ନାଚୁଣୀ, ବାଣପୁରଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦଶ ହଜାର ଏବଂ ବୀଣାପାଣି ସୁବୁଦ୍ଧି, ତରାପି, ହାଟବରଡି, ଚିଲିକାଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଦଶ ହଜାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ବି ଡି ଓ, ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପତ୍ନୀ ପରଲୋକ

ବସ୍ତା, ୦୪/୫ (ନି.ପ୍ର):ବସ୍ତା ବ୍ଲକ ଅନ୍ତର୍ଗତ ବାରୁଣଗଡିଆ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ଧର୍ମପତ୍ନୀ ବୀଣାପାଣି ବେହେରା ଙ୍କ ସମୋବାର ଭୋର ୬ ଘଟିକା ସମୟରେ ପରଲୋକ ଘଟିଛି।ମୃତ୍ୟୁ ବେଳକୁ ତାଙ୍କର ବୟସ ୭୦ ବର୍ଷ ହୋଇଥିଲା।ସେ ଗତ ଦୁଇ ବର୍ଷ ଧରି କେନ୍ସର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉ ଥିଲେ।ହେଲେ ସୋମବାର ଭୋର ୬ ଘଟିକା ସମୟରେ ତାଙ୍କର ମୃତ୍ୟୁ ଘଟି ଥିବା ଖବର ପ୍ରକାଶିତ ହେବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ବାରୁଣଗଡ଼ିଆ ସ୍ଥିତ ବାସଭବନରେ ପ୍ରବଳ ଭିଡ ହୋଇଥିଲା ବେଳେ ଶେଷ ଦର୍ଶନ ପାଇଁ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି,ସରପଞ୍ଚ କରୁଣା କର ମଲ୍ଲିକ,ସମିତି ସଭ୍ୟ ରମାକାନ୍ତ ସେଠୀ,ନାୟବ ସରପଞ୍ଚ ଅରୁଣ ବେହେରା,ପୂର୍ବତନ ସରପଞ୍ଚ ଲିପିକା ରାଉଳ,ମୃତ୍ୟୁଞ୍ଜୟ ବେହେରା, ସୁବୋଧ କିଶୋର ରାଉଳ ,ସାମ୍ବାଦିକ ଶିରିଶ ଚନ୍ଦ୍ର ମହାନ୍ତି ସମେତ ପଞ୍ଚାୟତ ଓ ପଞ୍ଚାୟତ ବାହାରୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବରରେ ପହଁଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାର ବର୍ଗକୁ ସମବେଦନା ଜଣାଇଥିଲେ।ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତୁରା,ଝିଆରୀ ,ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କର ସନ୍ତାନ ନ ଥିବାରୁ ତାଙ୍କର ପୁତୁରା ସୁଧାଂଶୁ ବେହେରା ମୁଖାଅଗ୍ନି ଦେଇଥିଲେ।

## ବାଲେଶ୍ୱରରେ 'ମୁଖ୍ୟମନ୍ତ୍ରୀ କପ୍-୨.୦'ର ଭବ୍ୟ ଉଦଯାପନୀ ସମାରୋହ: ବାଲେଶ୍ୱର ଏଫ୍.ସି ଏବଂ ତେଲିପାଳ ଏସ.ଏସ.ଡି ଏଫ୍ ସି ଚାମ୍ପିୟନ

ବାଲେଶ୍ୱର, ୦୪/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂଘ, ବାଲେଶ୍ୱର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁକ୍ତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଷ୍ଠିତ 'ମୁଖ୍ୟମନ୍ତ୍ରୀ କପ୍-୨.୦' କ୍ରୀଡ଼ା ମହୋତ୍ସବର ଉଦଯାପନୀ ସମାରୋହ ଆଜି ଭବ୍ୟ ଭାବେ ଆୟୋଜିତ ହୋଇ ସଫଳତାର ସହ ସମାପ୍ତ ହୋଇଛି। ଗତ ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଖୋ-ଖୋ, ଭଲିବଲ୍, କବାଡି ଓ ଫୁଟବଲ୍ ଇତ୍ୟାଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥିଲା। ଆଜିର ଉଦଯାପନୀ ଅବସରରେ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାଳକ ଓ ବାଳିକା ଉଭୟ ବିଭାଗରେ ଖେଳାଳିମାନେ ଉତ୍କୃଷ୍ଟ କ୍ରୀଡ଼ା କୌଶଳର ପ୍ରଦର୍ଶନ କରିଥିଲେ। ବାଳକ ବିଭାଗରେ ବାଲେଶ୍ୱର ଏଫ୍.ସି ଚାମ୍ପିୟନ ହୋଇଥିବା ବେଳେ ତେଲିପାଳ ଏସ.ଏସ.ଡି ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି। ବାଳିକା ବିଭାଗରେ ତେଲିପାଳ ଏସ.ଏସ.ଡି ଏଫ୍.ସି ଚାମ୍ପିୟନ ହୋଇଥିବାବେଳେ ଝାଡ଼େଶ୍ୱର ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ବାଲେଶ୍ୱର ସଦର ବି.ଡି.ଓ ଶ୍ରୀ ଉତ୍ତମ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳମାନଙ୍କୁ ଟ୍ରଫି ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରାଜେଶ ପ୍ରିୟଦର୍ଶୀ, ସହକାରୀ ଜିଲ୍ଲାପାଳ ଶ୍ରୀ ଅମ୍ଳାନ ନାୟକ ଓ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ତଥା ଓଡ଼ିଶା ଫୁଟବଲ୍ ସଂଘର ଉପ ସଭାପତି ଶ୍ରୀ ପଦ୍ମଲୋଚନ ଲେଙ୍କା ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ। ଏହା ସହିତ ଉଲ୍ଲେଖନୀୟ ଯେ, ଗତ ଏପ୍ରିଲ ୧୫ ତାରିଖରେ ମାନ୍ୟବର ସରକାରୀ ଦଳର ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ କୁମାର ଦତ୍ତ ଓ ମାନ୍ୟବର ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନଙ୍କ ଦ୍ୱାରା ଏହି କ୍ରୀଡ଼ା ମହୋତ୍ସବର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, 'ମୁଖ୍ୟମନ୍ତ୍ରୀ କପ୍-୨.୦' ଜିଲ୍ଲାର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଏକ ସୁଯୋଗସୂଚକ ମଞ୍ଚ ପ୍ରଦାନ କରୁଛି, ଯାହା ଆଗାମୀଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ଅର୍ଜନରେ ସହାୟକ ହେବ।

## ଉତ୍ତର ପ୍ରଦେଶର ଆମ୍ବେଦକର ନଗରରେ ସଡ଼କ ଦୁର୍ଘଟଣା: ୮ ମୃତ

ନୂଆଦିଲ୍ଲୀ,୦୪/୫ : ଉତ୍ତର ପ୍ରଦେଶର ଆମ୍ବେଦକର ନଗର ଜିଲ୍ଲାରେ ରବିବାର ବିଳମ୍ବିତ ରାତି ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଆଠ ଜଣଙ୍କ ମୃତ୍ୟୁ ଘଟିଛି। ଅପର ପୁଲିସ ଅଧୀକ୍ଷକ (ପୂର୍ବ) ତେଜବୀର ସିଂହ ଏହାର ସୂଚନ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ରାତି ୧୧.୩୦ ବେଳେ ଅକବରପୁର-ଜଲାଲପୁର ରାସ୍ତାରେ ଅଶରଫପୁର ଭୁଆ ଭଟ୍ଟା ନିକଟରେ ଦୁଇଟି ବାଇକ୍‌ରେ ଯାଉଥିବା ଲୋକମାନଙ୍କ ମଧ୍ୟରେ ଧକ୍କା ଲାଗିଥିଲା। ଏହି ଦୁର୍ଘଟଣାରେ ବାଇକ୍‌ରେ ଯାଉଥିବା ଦୁଇ ଜଣ ଗୁରୁତର ଆହତ ହୋଇଥିଲେ।

## ଉଦଳାରେ ଗଠନ ହେଲା ଇଂରାଜୀ ସାହିତ୍ୟ ସଂଘ 'ଦି ସେମିଓଟିକ ବ୍ରିଜ'

### ଡ଼ଃ. ଫନିଭୂଷଣ ପୋଥାଳ ସଭାପତି, ଅଜିତ ମହାପାତ୍ର ସଂପାଦକ ମନୋନୀତ

ଉଦଳା, ୦୪/୫ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ କାର୍ଯ୍ୟରତ ଥିବା ସମସ୍ତ ଇଂରାଜୀ ଅଧାପକ, ପ୍ରାଧ୍ୟାପକ ଓ ପ୍ରଫେସର ମାନଙ୍କୁ ନେଇ ଗଢ଼ିଉଠିଥିବା ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଚଳିତ ମଇ ୩ ତାରିଖ ରବିବାର ଦିନ ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ନୁଦଢ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼ଃ. ଫନିଭୂଷଣ ପୋଥାଳ ଏହି ସଂଘର ସଭାପତି ଓ କୁଣ୍ଡାବାଇସ୍ଥିତ ରୋହିଦାସ ସୋରେନ ମହାବିଦ୍ୟାଳୟର ଅଧ୍ୟାପକ ଅଜିତ କୁମାର ମହାପାତ୍ର ସଂପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିବା ବେଳେ ଉଦଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.




ପ୍ରଫୁଲ କୁମାର ପଣ୍ଡା ଉପସଭାପତି, ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ରବିନାରାୟଣ ମହାପାତ୍ର କାର୍ଯ୍ୟକାରୀ ସଂପାଦକ, ଧାନଘେରା କନିଷ୍ଠ ମହାବିଦ୍ୟାଳୟର ଅଧାପକ ଡଃ. ଜୟନ୍ତ କୁମାର ଜେନା କୋଷାଧକ୍ଷ ଓ କୁପାରି ମହାବିଦ୍ୟାଳୟର ଅଧକ୍ଷ ସରୋଜ ଲେଙ୍କା ଉପଦେଷ୍ଟା ଭାବରେ ମନୋନିତ ହୋଇଛନ୍ତି । ଏହି ସଂଘର ନାମ 'ଦି ସେମିଓଟିକ ବ୍ରିଜ' ରଖାଯାଇଛି । ଆଗାମି ଦିନରେ ଏହି ସଂଘକୁ ନେଇ ବହୁକିଛି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଜଣାଯାଇଛି । ତେବେ ଆଜିର ଏହି କାର୍ଯ୍ୟକାରିଣୀ ବୈଠକର ଆୟୋଜନରେ ଶରତ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟାପକ ମନୋରଂଜନ ବିହାରି ଓ ରାଢ଼ୋସ୍ଥିତ ଲୁଇପା ମହାବିଦ୍ୟାଳୟର ଅଧ୍ୟାପକ ବଳରାମ ପୃଷ୍ଟି ପ୍ରମୁଖ ନେତୃତ୍ୱ ନେଇଥିଲେ । ଶେଷରେ ବିଦେଶି ଲୋକଙ୍କ ସହିତ ସମ୍ପର୍କ ଯୋଡ଼ିବାରେ ଇଂରାଜୀ ସାହିତ୍ୟ ଏକମାତ୍ର ଓ ବଳିଷ୍ଠ ମାଧ୍ୟମ ଅଟେ ବୋଲି ସମସ୍ତେ ଏକମତ ହୋଇ ଆଜିର କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

## ସାମାଜିକ ସୁରକ୍ଷାରୁ ବଂଚିତ ଖଡ଼ିଆ ଜନଜାତିର ମାୟାଧର

ଉଦଳା, ୦୪/୫ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଶାଳବଣି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ବିକ୍ରମ ନାଏକଙ୍କର ୬୩ ବର୍ଷ ବୟସର ପୁତ୍ର 'ମାୟାଧର' ସାମାଜିକ ସୁରକ୍ଷାରୁ ବଂଚିତ ଥିବାର ଖବର ଆମର ହସ୍ତଗତ ହୋଇଛି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ମାୟାଧର' ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି। ତେବେ ଭତା ଯୋଗାଇଦେବାକୁ ଗୁହାରି ଜଣାଇ 'ମାୟାଧର' ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିବାର କଥା ଅଭିଯୋଗ କରିଛନ୍ତି । ତେବେ 'ମାୟାଧର' ଙ୍କୁ ବିଭାଗୀୟ କତୃପକ୍ଷ ତୁରନ୍ତ ଭତା ଯୋଗାଇ ଦିଅନ୍ତୁ ବୋଲି ସ୍ୱେଚ୍ଛାସେବି କୈଳାଶ ଚନ୍ଦ୍ର ନାୟକ ଅନୁରୋଧ ଜଣାଇଛନ୍ତି ।

## ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଅସ୍ତିତ୍ୱ ରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ , ୦୪/୫ (ନି.ପ୍ର): ଧର୍ମରକ୍ଷା ସମିତି, ଭଦ୍ରକ, ଭଦ୍ରକର ନାଗରିକ ପରିଷଦ ଓ ଅନ୍ୟାନ୍ୟ ସଙ୍ଗଠନ ତରଫରୁ ଭଦ୍ରକର ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ଦେବେନ୍ଦ୍ରନାଥ ଦାସଙ୍କ ଦାନରେ ନିର୍ମିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ରକ୍ଷା କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ସ୍ୱର୍ଗତ ଦେବେନ୍ଦ୍ରନାଥଙ୍କର ସ୍ୱଅର୍ଜିତ କୋଟି କୋଟି ଟଙ୍କାର ଜମି ଏବଂ କୋଠାବାଡି ୧୯୯୫ ମସିହାରେ ରାଜ୍ୟ ସରକାରଙ୍କୁ ଚକ୍ଷୁ ଚିକିତ୍ସାଳୟ ନିମନ୍ତେ ଦାନ କରିଥିଲେ ଏବଂ ଉକ୍ତ ଜମିରେ ପରବର୍ତ୍ତୀ ସମୟରେ ସରକାରୀ ଚିକିତ୍ସାଳୟ ନିର୍ମାଣ କରାଯାଇ ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରତ୍ୟହ ୨୦୦ ରୁ ଉର୍ଦ୍ଧ୍ୱ ରୋଗୀ ଚକ୍ଷୁ



ଚିକିତ୍ସା ପାଇଁ ଆସୁଥିଲେ। ଏହାକୁ ସ୍ୱତନ୍ତ୍ର ଚିକିତ୍ସାଳୟ ରୂପେ ସରକାରୀ ମାନ୍ୟତା ପ୍ରଦାନ କରିଥିଲା। ଦୁଃଖର ବିଷୟ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ଗେଲପୁର ସ୍ଥାନାନ୍ତର ହେବା ପରେ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ବନ୍ଦ କରିବା ପାଇଁ କିଛି ବ୍ୟକ୍ତି ଷଡଯନ୍ତ୍ର କରିଥିଲେ। ଚକ୍ଷୁ ଚିକିତ୍ସାଳୟର ସମସ୍ତ ସାମଗ୍ରୀକୁ ସ୍ଥାନାନ୍ତରିତ କରି ଉକ୍ତ ସ୍ଥାନରେ ମୁଖ୍ୟ ଚିକିତ୍ସାଳୟର ସମସ୍ତ ଆବର୍ଜନା ଏବଂ ପରିତ୍ୟକ୍ତ ଆବସାବପତ୍ର ଠୁଳ କରିଥିଲେ। ସ୍ୱର୍ଗତ ଦେବେନ୍ଦ୍ରନାଥ ଦାସଙ୍କର ସ୍ୱପ୍ନର ଚିକିତ୍ସାଳୟ ଏବଂ ତାଙ୍କର ମହତ ଉଦ୍ଦ୍ୟେଶର ଦାନକୁ ଜିଲ୍ଲା ପ୍ରଶାସନର ଅବହେଳା ହେତୁ ଭଦ୍ରକର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଉକ୍ତ ଚିକିତ୍ସାଳୟକୁ ଜଣେ ଡାକ୍ତରଙ୍କ ଦ୍ୱାରା ପରିଚାଳନା କରାଯାଉଥିଲା। ଏବେ ପ୍ରତ୍ୟେକ ଦିନ ଆସୁଥିବା ରୋଗୀମାନଙ୍କର ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ସାମଗ୍ରୀମାନ ନ ଥିବା, ଡାକ୍ତର ଅଭାବ ଓ ଷ୍ଟାଫଙ୍କ ଅଭାବ, ବିଲଡିଂର ମରାମତି ଓ ଚିକିତ୍ସାଳୟ ପରିସରରେ ପାଚେରୀ ନିର୍ମାଣ କରିବା ଆଦି ଦାବୀ ସମୂହକୁ ଏବେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି ବୋଲି ଧର୍ମରକ୍ଷା ସମିତିର ସଭାପତି ସନ୍ତୋଷ କୁମାର ପରିଡା ମତ ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ମାନସ ମହାନ୍ତି, ନବଘନ ପ୍ରସାଦ ଦାସ, ବଳରାମ ଜେନା, ସଞ୍ଜିବ କୁମାର ଦାସ, ରଘୁନାଥ ପାଢୀ, ତପନ ମହାନ୍ତି, ବ୍ରଜକିଶୋର ମହାରଣା, ପ୍ରମୋଦ ସାହୁ, ବୃଷଭାନୁ ସାହୁ, ଅମିତ କୁମାର ଦାସ, ଦଶରଥ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଖଇରାରେ ୩୩ତମ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ: ମନ୍ତ୍ରଧ୍ୱନିରେ କମ୍ପିଲା ଖଇରା ଦୂର୍ଗାମଣ୍ଡପ

ଖଇରା, ୦୪/୫ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଦୂର୍ଗାମଣ୍ଡପ ପରିସରରେ ଶୁକ୍ରବାର ଦିନ ୩୩ତମ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ ଭଜନ କୀର୍ତ୍ତନ ସାଙ୍ଗକୁ ମନ୍ତ୍ରଧ୍ୱନୀ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ୨୧ଜଣ ଦମ୍ପତିଙ୍କ ଦ୍ୱାରା କଳସ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା । ପଣ୍ଡିତ ନରସିଂହ ପାଣି, ପ୍ରଫୁଲ୍ଲ ତ୍ରିପାଠୀ, ଶଶାଙ୍କ ଶେଖର ପତ୍ରୀ ଓ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସାଙ୍ଗକୁ ଗୀତାପାଠ କରାଯାଇଥିଲା । ଏହି ଅବସରରେ ଯଜ୍ଞ ସହିତ ଆରମ୍ଭରୁ ଜଡିତ ଥିବା କେଶବ ଚରଣ ସାହୁ, ସନ୍ତୋଷ କୁମାର ଶତପଥୀ, ନେପାଳ ଆଗତ ସନ୍ଥ ନାରାୟଣ ବାବା, ଯଜ୍ଞ ସମିତିର ଆବାହକ କୃଷ୍ଣଚନ୍ଦ୍ର ପତ୍ରୀ, ବ୍ରାହ୍ମଣ ସମିତିର କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ତଥା ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଦିବସବ୍ୟାପି କାର୍ଯ୍ୟକ୍ରମକୁ ଯଜ୍ଞକମିଟିର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଭୁବନେଶ୍ୱରରେ ଦର୍ଶକଙ୍କୁ ବିମୋହିତ କଲା ବାରିପଦାର ନାଟକ 'ଚିଠି'

ବାରିପଦା, ୦୪/୫ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଭଂଜକଳା ମଣ୍ଡପରେ ସଂଗୀତ ନାଟକ ଏକାଡେମୀ ଓ ଓଡିଶା ନାଟ୍ୟସଙ୍ଘ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାରେ ବାରିପଦାର ଓମ ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ ' ଚିଠି ' ମଞ୍ଚସ୍ଥ ହୋଇଯାଇଛି ଓ ପ୍ରଦୀପ ଭୋଳଙ୍କ ରଚିତ ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକଟିରେ ଧୀର ବସା, ଅସିତ ଗିରି, ଉପାସନା ଦାସ, ଜ୍ଞାନ ପଣ୍ଡା, ସୁଜୟ ମହାନ୍ତି, ଓ ଆଦ୍ୟାଶା ଅଭିନୟ କରିଥିବା ବେଳେ ସହ



ନିର୍ଦ୍ଦେଶନାରେ ଜ୍ଞାନ ପଣ୍ଡା, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ ଓ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣୀ ପ୍ରଧାନଙ୍କ ସହ ମହାତ୍ମା ଗାନ୍ଧୀଙ୍କ ନିବିଡ଼ ସମ୍ପର୍କ ଥିଲା ଓ ଗାନ୍ଧିଜୀଙ୍କ ସହ ତାଙ୍କର ଅନେକ ଚିଠି ଦିଆନିଆ ଚାଲୁଥିଲା ଓ ଇତି ମଧ୍ୟରେ ତାଙ୍କ ନାତୁଣୀକୁ ଭଲପାଉଥିବା ଅଧ୍ୟାପକ ଗବେଷଣା କରୁଥିବା ବେଳେ ଜାଣିବାକୁ ପାଇଥିଲେ ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ ଆଫ୍ରିକାରେ ଗୋଟିକୁ ୪ କୋଟି ଟଙ୍କାରେ ବିକ୍ରି ହେଉଛି ଓ ଅଧ୍ୟାପକ ତଥା ପୁଆବୋହୂ ମିଶି ଚିଠି ଗୁଡିକୁ ହାତେଇବା ପାଇଁ ଚେଷ୍ଟା କରନ୍ତି ଓ ନାତୁଣୀଠାରୁ ଏକଥା ଜାଣି ସେ ଜୀବନ ଯାଉପଛେ ବିକ୍ରି କରିବାକୁ ନଦେବା ପାଇଁ ଚିଠି ସବୁ ଗିଳିଦେଇ ମୃତ୍ୟବରଣ କରନ୍ତି ଓ ଏମିତି ଏକ ଘଟଣାବଳୀ ଉପରେ ଆଧାରିତ ନାଟକରେ ଅଭିନେତା ମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida